ବର୍ଷ-୨୬, ସଂଖ୍ୟା-୫୧
ଭୁବନେଶ୍ୱର
୨୧, ଫେବୃଆରୀ, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 51
Bhubaneswar
21 February, 2026 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ବଜେଟ ୨୦୨୬-୨୭

## ୩ ଲକ୍ଷ କୋଟି ଟପିଲା ବଜେଟ୍

# ଲୋକଙ୍କ ପ୍ରଗତିର ବଜେଟ୍ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୨ (ମହାଭାରତ): : ରାଜ୍ୟ ବଜେଟ୍ ୨୦୨୬-୨୭ ଉପସ୍ଥାପିତ। ମୋଟ ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏଥିରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କ୍ରୀଡା, ଶିଳ୍ପ, ବାଣିଜ୍ୟ, ମହିଳା ଓ ଶିଶୁ ବିକାଶ କଲ୍ୟାଣ, ସାମାଜିକ ସଶକ୍ତୀକରଣ ଆଦି ବିକାଶମୂଳକ କାର୍ଯ୍ୟ ପାଇଁ ଲକ୍ଷ୍ୟ ରଖାଯାଇଛି।

ଗତବର୍ଷ ତୁଳନାରେ ବଜେଟ ଆକାରରେ ୬.୯ ପ୍ରତିଶତ ବୃଦ୍ଧି କରାଯାଇଛି । ପ୍ରଶାସନିକ ଖର୍ଚ୍ଚ ପାଇଁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏଥିରେ ଚଳିତ ବଜେଟରେ ମୁଖ୍ୟମନ୍ତ୍ରୀ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପାଇଁ ୨୩,୧୮୨ କୋଟିଟଙ୍କାର ଏକ ବିପୁଳ ବ୍ୟୟ ବରାଦ ପ୍ରସ୍ତାବ ରଖିଛନ୍ତି ,ଯେଉଁଥିରେ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୭ ହଜାର ୭ ଶହ ୩୭ କୋଟି ଟଙ୍କା ସାମିଲ ଅଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରସ୍ତାବିତ ଏହି ବ୍ୟୟ ମୋଟ ବଜେଟ୍ ଆକାରର ୭.୫ ପ୍ରତିଶତରୁ ଅଧିକ। ଯାହା ଆମର ପ୍ରତିବଦ୍ଧତା , ଅଭିପ୍ରାୟ ଓ କାର୍ଯ୍ୟଧାରାକୁ ପ୍ରତିଫଳିତ କରେ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା ଏବଂ ଆପଣମାନଙ୍କ ଅକୁଣ୍ଠ ଭରସାକୁ ପାଥେୟ କରି ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମେ ଦୃଢ଼ ପଦକ୍ଷେପ ନେଉଛୁ। ପୁରୀର ବିକାଶ ପାଇଁ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ୧ ହଜାର କୋଟି ଟଙ୍କାରେ ବିଶ୍ୱସ୍ତରୀୟ ସଂଗ୍ରହାଳୟ ସହିତ ଅନ୍ୟ ପ୍ରକଳ୍ପ ହାତକୁ ନିଆଯାଇଛି। ମହାପ୍ରଭୁଙ୍କ ପାଇଁ 'ସମର୍ପଣ' ଡିଜିଟାଲ ହୁଣ୍ଡି ଆରମ୍ଭ କରାଯାଇଛି। ଏହାରି ମାଧ୍ୟମରେ ଦେଶ-ବିଦେଶର ଭକ୍ତମାନେ ଯୋଡି ହୋଇପାରିବେ। ପୁରୀ ପାଇଁ ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ୫୦୦୦ କୋଟି ଟଙ୍କା ଅନୁମୋଦନକୁ ପ୍ରସ୍ତାବ ଦେଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଆମର ଲକ୍ଷ୍ୟ ସ୍ୱଷ୍ଟ - ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ବିକାଶର ସୁଫଳ ପହଞ୍ଚାଇବା। ଅନ୍ନଦାତାଙ୍କ ସମୃଦ୍ଧି, ନାରୀଶକ୍ତିଙ୍କ ସଶକ୍ତିକରଣ ଏବଂ ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରି 'ଅନ୍ତ୍ୟୋଦୟ'ର ସ୍ୱପ୍ନକୁ ସାକାର କରିବା ପାଇଁ ଏହି ବଜେଟ୍ ସଂକଳ୍ପବଦ୍ଧ। ଆସନ୍ତୁ, ଏକ ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନର ଏହି ମହାଯଜ୍ଞରେ ଆମେ ସମସ୍ତେ ସହଭାଗୀ ହେବା।

ମୁଖ୍ୟମନ୍ତ୍ରୀ ବଜେଟ୍‌ରେ କହିଛନ୍ତି , ଆମ ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ , ସୁଲଭ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ସହ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଅଭିମୁଖେ ଦ୍ରୁତ ଗତିରେ ଅଗ୍ରସର ହେଉଛି। ମାଗଣା ଓ ସୁନିଶ୍ଚିତ ସ୍ୱାସ୍ଥ୍ୟ ସେବା , ମାନବ ସମ୍ବଳର ସୁଦୃଢ଼ୀକରଣ , ଅତ୍ୟାଧୁନିକ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ , ସେବା ଯୋଗାଣର ସମ୍ପ୍ରସାରଣ , ଚିକିତ୍ସା ବୈଷୟିକ



ଜ୍ଞାନକୌଶଳର ବ୍ୟବହାର , ଘରୋଇ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ବିନିଯୋଗ, ଆୟୁଷ ବ୍ୟବସ୍ଥାକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ବହୁବିଧ ଦକ୍ଷତା ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦେଉଛି। ଏଥିପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ଗୁରୁତ୍ୱ ଦିଆଯାଇଛି।

ଆହୁରି ମଧ୍ୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଲାଇବ୍ରେରୀ କେନ୍ଦ୍ର ପାଇଁ ୧ ହଜାର କୋଟି , ଶ୍ରୀଜଗନ୍ନାଥ ମନ୍ଦିର ପାଇଁ 'ସମର୍ପଣ' ନାଁରେ ଅନଲାଇନ୍ ଡିଜିଟାଲ ହୁଣ୍ଡି , ରତ୍ନଭଣ୍ଡାର ଗଣତିମଣତି ପାଇଁ ୫ କୋଟି ଟଙ୍କା ପ୍ରସ୍ତାବ ହୋଇଛି। ବଜେଟରେ ଠଇ-ଏ ଜଇଗ ଏ ପାଇଁ ୫୫୭୫ କୋଟି ଟଙ୍କା , ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା ପାଇଁ ୬୩୫ କୋଟି -୧୦୦ ସ୍ମାର୍ଟ ଫାର୍ମ ମାର୍କେଟ (ମଡେଲ୍ ମଣ୍ଡି) ପାଇଁ ୧୦୦ କୋଟି ,ବିଶ୍ୱର ବୃହତ ଶସ୍ୟ ଷ୍ଟୋରେଜ୍ ଯୋଜନା ପାଇଁ ୨୪୦ କୋଟି , ରେୟାର ଆର୍ଥ କରିଡର୍ ପାଇଁ ୧୦ କୋଟି ଟଙ୍କା ,ରାଜ୍ୟ ଇଓ ମିଶନ ପାଇଁ ୨୩ କୋଟି ଓ ଟୁରିଜିମ୍ ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ୍ ବାବଦକୁ ୧୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ରାଜ୍ୟରେ ବିକାଶର ଦିଗକୁ ତ୍ୱରାନ୍ୱିତ କରିବା ତଥା ସାଧାରଣ ଜନତାଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି। ସମସ୍ତ ତମାମ ବିଭାଗ ଗୁଡିକ ମଧ୍ୟରୁ ଉଚ୍ଚଶିକ୍ଷା ମାଧ୍ୟମରେ ରାଜ୍ୟର ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି ରାଜ୍ୟ ସରକାର।ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୪ ଶହ ୭୦ କୋଟି ଟଙ୍କାର ପ୍ରସ୍ତାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ବ୍ୟତୀତ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କା ଏବଂ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ପରୀକ୍ଷାଗାର ପାଇଁ ୨୫ କୋଟି ଟଙ୍କା ପ୍ରସ୍ତାବ ଦେଇଛନ୍ତି ରାଜ୍ୟ ସରକାର।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ଉଚ୍ଚ ଶିକ୍ଷା ଭିତ୍ତିଭୂମି ଏବଂ ଗୁଣବତ୍ତାକୁ ସୁଦୃଢ଼ କରିବା ଲାଗି ଧ୍ୟାନ କେନ୍ଦ୍ରିତ ନିବେଶ ଜରିଆରେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ବିଶ୍ୱବିଦ୍ୟାଳୟ, ସରକାରୀ ,କଲେଜ ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଗୁଡିକର ଭିତ୍ତିଭୂମି ବିକାଶ ପାଇଁ ୪୭୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ଏହା ବ୍ୟତୀତ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କା ଏବଂ ଅନୁଦାନପ୍ରାପ୍ତ କଲେଜ ଗୁଡିକରେ ପରୀକ୍ଷାଗାର ପାଇଁ ୨୫ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବଡ ଘୋଷଣା କରିଛନ୍ତି। କହିଛନ୍ତି କି, ମୁଁ ଆନନ୍ଦିତ ଯେ, ଆମେ କେନ୍ଦ୍ରାପଡା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଯାଉଛୁ। ଏହି ନୂତନ ଅନୁଷ୍ଠାନ ଗୁଡିକ ଏନଇପି-୨୦୨୦ ଅନୁଯାୟୀ ପ୍ରଥମ ଦିନରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ମୌଳିକ ଭାବରେ ଅଭିନବ ଶିକ୍ଷାଦାନ କାର୍ଯ୍ୟାକାରୀ କରିବାର ଅନନ୍ୟ ସୁବିଧା ପାଇପାରିବେ। ତେବେ ଏବେ ଯାଏଁ ରାଜ୍ୟରେ ୪୪ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି, ନୂତନ କରି ଖୋଲିବାକୁ ଯାଉଥିବା ୪ ବିଶ୍ୱବିଦ୍ୟାଳୟକୁ ମିଶାଇଲେ ଏହି ସଂଖ୍ୟା ୪୮ରେ ପହଞ୍ଚିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି , ଆମର ସମସ୍ତ ଚାଲୁ ରହିଥିବା ଯୋଜନା ବ୍ୟତୀତ, ମୁଁ ସମସ୍ତ ଅସମ୍ପୂର୍ଣ୍ଣ ଅଙ୍ଗନୱାଡ଼ି କେନ୍ଦ୍ରକୁ ସମୟବଦ୍ଧ ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଏକ ନୂତନ ଯୋଜନା 'ସମୃଦ୍ଧ ଅଙ୍ଗନୱାଡି ଯୋଜନା' ପ୍ରସ୍ତାବ ଦେଉଛି । ଏହି ନୂତନ ଯୋଜନାରେ କ୍ରେଚ୍ ସୁବିଧା ବିନା ପ୍ରତି କେନ୍ଦ୍ର ପିଛା ୧୫ ଲକ୍ଷ ଟଙ୍କା ଏବଂ କ୍ରେଚ୍ ସୁବିଧା ଥିବା କେନ୍ଦ୍ର ପିଛା ୨୦ ଲକ୍ଷ ଟଙ୍କା ମୂଲ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯିବ । ଏହି ନୂଆ ଯୋଜନା ପାଇଁ ମୁଁ ୨୦୨୬-୨୭ଆର୍ଥିକ ବର୍ଷରେ ୬ ଶହ ୩୫ କୋଟି ଟଙ୍କାର ପ୍ରସ୍ତାବ ଦେଉଛି ।

### ବଜେଟ୍‌ର ସାଂରାଶ...

- -ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା- ୬୩୫ କୋଟି ଟଙ୍କା
- -ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାର ଶୁଭାରମ୍ଭ
- -ଶ୍ରୀଅନ୍ନ ଯୋଜନା ପାଇଁ ୪୦୦ କୋଟି ଟଙ୍କା
- -ଫିଟ୍ ଓଡ଼ିଶା ମିଶନ- ୧୦ କୋଟି ଟଙ୍କା
- -ଡାଲଖାଇ ଯୋଜନା- ୨୨୦ କୋଟି ଟଙ୍କା
- -ବାରିପଦାରେ ପ୍ରତିଷ୍ଠା ହେବ ଛଉ ଏକାଡେମି
- -ସୁଜଳା ଯୋଜନା- ୮୨୦ କୋଟି ଟଙ୍କା
- -ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ଯୋଜନା- ୭୩୨ କୋଟି
- -ସୁଭଦ୍ରା ଯୋଜନା- ୧୦ ହଜାର ୧୪୫ କୋଟି
- -ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା- ୬୩୦୯ କୋଟି
- -ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନାର ଶୁଭାରମ୍ଭ
- -ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ- ୫ ହଜାର ୮ କୋଟି
- -ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନା- ୧୦୦ କୋଟି
- -ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ଯୋଜନା- ୭୩୨ କୋଟି
- -ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା- ୬୩୫ କୋଟି
- -ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ- ୫୦୦ କୋଟି
- -ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ- ୧୦୧୦ କୋଟି
- -ସମୃଦ୍ଧ କୃଷକ ଯୋଜନା ପାଇଁ ୬୦୮୮ କୋଟି
- -ଅମୃତ ପ୍ରକଳ୍ପ ଯୋଜନା ପାଇଁ ୯୧୬ କୋଟି
- -ଓଡ଼ିଆ ଅସ୍ମିତା ପାଇଁ ୩୭୪ କୋଟି ଟଙ୍କା
- -ଫୁଲନଖରାରେ ହେବ ୨୪ ଘଣ୍ଟିଆ ପ୍ରାଣୀ ଚିକିତ୍ସାଳୟ
- -ରାଜ୍ୟରେ ପ୍ରତିଷ୍ଠା ହେବ ୪ଟି ନୂଆ ବିଶ୍ୱବିଦ୍ୟାଳୟ
- -ମୟୂରଭଞ୍ଜରେ ହେବ ନୂଆ କୃଷି ବିଶ୍ୱବିଦ୍ୟାଳୟ
- -ରତ୍ନଭଣ୍ଡାର ଖୋଲିବା ପାଇଁ ୫ କୋଟି
- -ପିପିଲି ଟୋଲଗେଟ୍ ନିକଟରେ ହେବ ପିପିଲି ଚାନ୍ଦୁଆ ବଜାର
- -ରାଜ୍ୟ ଏଆଇ ମିଶନ ପାଇଁ ୨୩ କୋଟି
- -ଓଡ଼ିଆ ଅସ୍ମିତା ପାଇଁ ୩୭୪ କୋଟି ଟଙ୍କା
- -କ୍ରୀଡ଼ା ଭିତ୍ତିଭୂମି ପାଇଁ ୯୦୦ କୋଟି
- -ସ୍ୱାସ୍ଥ୍ୟ ବିଭାଗ ପାଇଁ ୨୩୧୮୨ କୋଟି ଟଙ୍କା
- -ରେଳ ପ୍ରକଳ୍ପ ଉନ୍ନତି ପାଇଁ ୪୫୦
- -ଗ୍ରୀନ ମହାନଦୀ ମିଶନ- ୯୦ କୋଟି
- -ପୁରୀରେ ହେବ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର
- -ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା- ୧୫୦ କୋଟି
- -ଆନ୍ତ-ରାଜ୍ୟ ନଦୀ ସଂଯୋଗୀକରଣ ପାଇଁ ୧୦ କୋଟି

## ସ୍ୱାସ୍ଥ୍ୟ ବିଭାଗ ପାଇଁ ୨୩ ହଜାର କୋଟି ଘୋଷଣା

ଭୁବନେଶ୍ୱର୨୦।୦୨(ମହାଭାରତ): ଚଳିତ ବଜେଟରେ ରାଜ୍ୟ ସରକାର ସୁସ୍ଥ ଓଡ଼ିଶା-ବିକଶିତ ଓଡ଼ିଶାକୁ ଗୁରୁତ୍ୱ ଦେଇଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ରାଜ୍ୟ ସରକାର ୨୩ ହଜାର ୧ ଶହ ୮୨ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଯେଉଁଥିରେ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୭ ହଜାର ୭ ଶହ ୩୭ କୋଟି ଟଙ୍କା ସାମିଲ କରାଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟୟ ମୋଟ ବଜେଟର ୭.୫ ପ୍ରତିଶତରୁ ଅଧିକ ଅଟେ । ମୁଖ୍ୟମନ୍ତ୍ରୀ କହିଛନ୍ତି ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିସା ହେଉଛି ସରକାରଙ୍କ ମାର୍ଗଦର୍ଶକ ନୀତି । ସମସ୍ତଙ୍କ ପାଇଁ ନ୍ୟାୟୋଚିତ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ସହ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଅଭିମୁଖେ ଦ୍ରୁତ ଗତିରେ ଅଗ୍ରସର ହେଉଛୁ । ଆମେ ମାଗଣା ଏବଂ ସୁନିଶ୍ଚିତ ସ୍ୱାସ୍ଥ୍ୟ ସେବା, ମାନବ ସମ୍ବଳର ସୁଦୃଢ଼ୀକରଣ, ଅତ୍ୟାଧୁନିକ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ, ସେବା ଯୋଗାଣର ସମ୍ପ୍ରସାରଣ, ଚିକିତ୍ସା ବୈଷୟିକ ଜ୍ଞାନକୌଶଳର ବ୍ୟବହାର, ଘରୋଇ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ବିନିଯୋଗ, ଆୟୁଷ ବ୍ୟବସ୍ଥାକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ବହୁବିଧ ଦକ୍ଷତା ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି ।

ବଢୁଥିବା ରୋଗୀ ସଂଖ୍ୟାକୁ ଦେଖି ରାଜ୍ୟ ସରକାର ହସ୍ପିଟାଲ ଗୁଡ଼ିକର ଭିତ୍ତିଭୂମି ଗୁଡ଼ିକ ଉପରେ ବେଶ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସମସ୍ତ ମେଡ଼ିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୫ ହଜାର ଆଇପିଡି ଶଯ୍ୟା ଯୋଡ଼ାଯିବ । ଏସସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ୧୮୦୦ ଆଇପିଡି ଶଯ୍ୟା କରାଯିବ । ସେହିପରି ୧ ହଜାର ଆଇସିୟୁ ଓ ୫୦୦ ହାଇ ଡିପେଣ୍ଡେନ୍ସି ୟୁନିଟ୍ ଶଯ୍ୟା ସ୍ଥାପନ କରାଯିବ । ସେହିପରି ଗୋପବନ୍ଧୁ ଆରୋଗ୍ୟ ଯୋଜନା ପାଇଁ ୪୨୭୯ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୧ ହଜାର ୯୦୦ କୋଟି ୫୮ କୋଟି, ନିରାମୟ ଯୋଜନା ପାଇଁ ୭୮୬ କୋଟି ଟଙ୍କା, ନିଦାନ ପାଇଁ ୩ ଶହ ୭୧ କୋଟି, ଜରୁରୀକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା ପାଇଁ ୧ ଶହ ୯୮ କୋଟି ଟଙ୍କା ଏବଂ ଆଶାକର୍ମୀ କଲ୍ୟାଣ ନିମନ୍ତେ ସ୍ୱାସ୍ଥ୍ୟ ସହାୟ ଯୋଜନା ଅଧୀନରେ ୧୮୩ କୋଟି ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ୫ ହଜାର ୮ କୋଟି ବ୍ୟୟବରାଦ କରାଯାଇଛି । ସେହିପରି ଏସସିବିର ପୁନର୍ବିକାଶ ପାଇଁ ୧ ହଜାର କୋଟି, ବ୍ରହ୍ମପୁର ଏମକେସିଜି ଓ ବୁର୍ଲା ଭିମସାର ପାଇଁ ୬ ଶହ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ସେହିପରି ଗଜପତି, ମାଲକାନଗିରି ଏବଂ ରାୟଗଡ଼ାରେ ୩ଟି ଆୟୁର୍ବ ?ଦିକ ମେଡ଼ିକାଲ କଲେଜ ଏବଂ ନୟାଗଡ଼ ଓ ନୂଆପଡ଼ାରେ ଦୁଇଟି ନୂତନ ହୋମିଓପାଥି ମେଡ଼ିକାଲ କଲେ ପ୍ରତିଷ୍ଠା ପାଇଁ ୧ ଶହ ୪୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି । ସାରା ରାଜ୍ୟରେ ୧୮୦୭ଟି ଅତିରିକ୍ତ ଉପ-କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଥିପାଇଂ ୧୭୬ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି । ପୁରୀ, ବୁର୍ଲା, କୋରାପୁଟ, ବ୍ରହ୍ମପୁର ଏବଂ କ୍ୟାପିଟାଲରେ ବର୍ଣ୍ଣ ୟୁନିଟ୍ ପ୍ରତିଷ୍ଠା କରାଯିବ । ଏଥିପାଇଁ ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଅଗ୍ନି ନିରାପତ୍ତା ଏବଂ ସୌର ଶକ୍ତି ସ୍ଥାପନ ପାଇଁ ୪୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## ଚାଷୀଙ୍କ ପାଇଁ ବଡ଼ ଘୋଷଣା

ଭୁବନେଶ୍ୱର୨୦।୦୨(ମହାଭାରତ): ବିଧାନସଭାରେ ଆଗତ ହେଲା ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍। ଲଗାତର ତୃତୀୟ ଥର ପାଇଁ ବିଧାନସଭାରେ ବଜେଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆର୍ଥିକ ବର୍ଷ ୨୦୨୬-୨୭ର ଆୟ ବ୍ୟୟର ହିସାବ ଓ ସମାଧାନର ବାଟ ବଜେଟରେ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଚଳିତ ବଜେଟରେ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ଅଧିନରେ ୨ହଜାର ୩୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଚାଷୀ, ଜମି ମାଲିକ, ଭୂମିହୀନ ପରିବାର ଏବଂ ବିଶେଷ ଭାବେ ସମ୍ବେଦନଶୀଳ ଜନଜାତିଙ୍କ ପାଖରେ ଅତିରିକ୍ତ ସହାୟତା ପହଞ୍ଚାଇ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ-କିଷାନ ଯୋଜନାକୁ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ଜରିଆରେ କାର୍ଯ୍ୟକାରୀ କରି ଆସୁଛନ୍ତି। ୨୦୨୫-୨୬ ବର୍ଷରେ ୩ ହଜାର ୨ ଶହ ୩୬ ଜଣ PVTG ଚାଷୀ, ୩୧ ହଜାର ୬ ଶହ ୯୫ ଜଣ ସହରାଞ୍ଚଳ ଚାଷୀ ଏବଂ ୩୯ ହଜାର ୨ ଶହ ୩୯ ଜଣ ଭୂମିହୀନ ଭୂମି କୃଷି ପରିବାର ସମେତ ୫୧ ଲକ୍ଷ ୫୬ ହଜାର କୃଷକଙ୍କ ନିକଟରେ ଏହି ସହାୟତା ପହଞ୍ଚିପାରିଛି। ଏହି ପ୍ରମୁଖ ଯୋଜନାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୨ ହଜାର ୩୦ କୋଟି ଟଙ୍କାର ପ୍ରସ୍ତାବ ରହିଛି ।ସେହିପରି ମାଣ୍ଡିଆ ଭଳି ଜଳବାୟୁ ସହନଶୀଳ ଏବଂ ପୁଷ୍ଟିକର ଶସ୍ୟକୁ ପୁନର୍ଜୀବିତ କରି ପୁଷ୍ଟିକର ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ 'ଶ୍ରୀ ଅନ୍ନ ଅଭିଯାନ' ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ୪ ଶହ କୋଟି ଟଙ୍କାର ବ୍ୟବସ୍ଥା ରହିଛି ।ଧାନ ଉପରେ ଅତ୍ୟକ ନିର୍ଭରଶୀଳତାକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜଳବାୟୁ ସହନଶୀଳ କୃଷିକୁ ପ୍ରାଥମିକତା ଦେଇ ବିଭିନ୍ନ କିସମର ଡାଲି, ତୈଳବୀଜ ଏବଂ ଦେଶୀ ସୁଗନ୍ଧିତ ଓ ଅଣସୁଗନ୍ଧିତ ଧାନ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ଏଥିଲାଗି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ରେ ଫସଲ ବିବିଧକରଣ କାର୍ଯ୍ୟକ୍ରମ, ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ ଏବଂ ଅମଳ ପରବର୍ତ୍ତୀ ଧାନ ପଡ଼ିଆର ବ୍ୟାପକ ପରିଚାଳନା ଆଦି ପଦକ୍ଷେପ ପାଇଁ ୨୦୨୬-୨୭ ଆର୍ଥିକ ବର୍ଷରେ ମୋଟ ୪ ଶହ କୋଟି ଟଙ୍କାର ବ୍ୟୟ ବରାଦ ରହିଛି ।

## ପୁରୀ ଐତିହ୍ୟର ପୁନରୁଦ୍ଧାର ପାଇଁ ୧୦୦୦ କୋଟି

ଭୁବନେଶ୍ୱର ୨୦।୦୨(ମହାଭାରତ):: ଗୃହରେ ବଜେଟ ଉପସ୍ଥାପନ ଆରମ୍ଭରୁ ବନ୍ଦେ ମାତରମ ଆଉ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରି ବଜେଟ ପେଡି ଖୋଲିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଓଡିଶାର ବିକାଶଧାରାକୁ ଆଗକୁ ନେବା ପାଇଁ ଚଳିତବର୍ଷ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗତ ବର୍ଷ ତୁଳନାରେ ଏହି ବଜେଟର ଆକାର ଯଥେଷ୍ଟ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ସଙ୍କ ?ତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି କି, ମହାପ୍ରଭୁ ଜଗନ୍ନାଥଙ୍କ ଅନନ୍ତ ମହିମାର ସଂରକ୍ଷଣ ଓ ସଂବର୍ଦ୍ଧନ ଆମର ପବିତ୍ର କର୍ତ୍ତବ୍ୟ। ଏହି ପ୍ରତିବଦ୍ଧତା ସହିତ ଆମ ସରକାର ପୁରୀରେ ପ୍ରାୟ ୧ ହଜାର କୋଟି ବ୍ୟୟ ଅଟକଳରେ ଏକ ବିଶ୍ୱସ୍ତରୀୟ ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ଏବଂ ଲାଇବ୍ରେରୀ କେନ୍ଦ୍ର ପ୍ରତିଷ୍ଠା କରିବା ସହ ଗୁଣ୍ଡିଚା ମନ୍ଦିର, ଏମାର ମଠ, ପ୍ରମୋଦ ଉଦ୍ୟାନ ଏବଂ ଐତିହାସିକ ରଘୁନନ୍ଦନ ପାଠାଗାରରେ ଆଧ୍ୟାତ୍ମିକ ଗୌରବକୁ ପୁନରୁଦ୍ଧାର କରାଯିବ। ଶ୍ରୀ ଜଗନ୍ନାଥ ମନ୍ଦିର ପୁରୀ ପାଇଁ "ସମର୍ପଣ" ନାମରେ ଏକ ସୁରକ୍ଷିତ ଅନଲାଇନ ଦାନ ପ୍ଲଟ ଫର୍ମ "ଡିଜିଟାଲ ହୁଣ୍ଡି" ପ୍ରଚଳନ ହେବ। ଏହି ପ୍ଲାଟଫର୍ମ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ସରକାରୀ ପୋର୍ଟାଲ ସହିତ ସମନ୍ୱିତ ଏକ ଏକୀକୃତ ପ୍ରବେଶପଥ ମାଧ୍ୟମରେ ଭାରତ ତଥା ବିଦେଶର ଭକ୍ତମାନଙ୍କୁ ଶ୍ରୀମନ୍ଦିର ସହିତ ସଂଯୋଗ କରିବ ।

## ଉଚ୍ଚଶିକ୍ଷା ପ୍ରତି ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୦।୦୨(ମହାଭାରତ): ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଶୁକ୍ରବାର ବିଧାନସଭାରେ ବଜେଟ ମୁଣି ଖୋଲିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ବିକାଶର ଦିଗକୁ ତ୍ୱରାନ୍ୱିତ କରିବା ତଥା ସାଧାରଣ ଜନତାଙ୍କ ଜୀବନଶୈଳୀରେ ଉନ୍ନତି ଆଣିବାକୁ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି। ସମସ୍ତ ତମାମ ବିଭାଗ ଗୁଡିକ ମଧ୍ୟରୁ ଉଚ୍ଚଶିକ୍ଷା ମାଧ୍ୟମରେ ରାଜ୍ୟର ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି ରାଜ୍ୟ ସରକାର। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୪ ଶହ ୭୦ କୋଟି ଟଙ୍କାର ପ୍ରସ୍ତାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ବ୍ୟତୀତ ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ ପାଇଁ ୫୦ କୋଟି ଟଙ୍କା ଏବଂ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ପରୀକ୍ଷାଗାର ପାଇଁ ୨୫ କୋଟି ଟଙ୍କା ପ୍ରସ୍ତାବ ଦେଇଛନ୍ତି ରାଜ୍ୟ ସରକାର।


ସେହିଭଳି ଉଚ୍ଚଶିକ୍ଷା ହାସଲରେ ସମାନ ସୁଯୋଗ ପାଇଁ 'ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା'କୁ ଜାରି ରଖିବାକୁ ପ୍ରସ୍ତାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଇ-ମେଧାବୃତ୍ତି ଜରିଆରେ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଏବଂ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ୧୫ ହଜାର ଟଙ୍କା ବୃଦ୍ଧିର ବ୍ୟବସ୍ଥା ରହିଛି। ସେହିପରି ବ୍ୟାସକବୀ ଫକୀର ମୋହନ ଛାତ୍ରବୃତ୍ତି ବୃଦ୍ଧି ଯୋଜନାରେ +୩ ଓଡ଼ିଆ ସମ୍ମାନ ପାଇଁ ଛାତ୍ର ପିଛା ୨୦ ହଜାର ଟଙ୍କା ବୃଦ୍ଧି ଏବଂ ସ୍ନାତକୋତ୍ତର ସ୍ତରରେ ୩୦ ହଜାର ଟଙ୍କା ବୃଦ୍ଧିର ବ୍ୟବସ୍ଥା ରହିଛି ।ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା ବଞ୍ଚିତ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୨୦ ହଜାର ଟଙ୍କା ଏବଂ ବିଦେଶରେ ସ୍ନାତକୋତ୍ତର ଏବଂ ଡକ୍ଟରାଲ ଅଧ୍ୟୟନ ପାଇଁ ୫୦ ଲକ୍ଷ ଟଙ୍କାର ସୀମା ସହିତ ୫୦ ଜଣ ଅନୁସୂଚିତ ଜାତି/ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶ ଶିକ୍ଷାବୃତ୍ତି ପ୍ରଦାନ କରାଯିବ । ଏହା ବ୍ୟତୀତ ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ଅଧୀନରେ +୨ ପାସ୍ କରିଥିବା ୧୫ ହଜାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପଟପ କିଣିବା ପାଇଁ ବାର୍ଷିକ ୩୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଅଧିକ ମହିଳା ନାମଲେଖା ଏବଂ ଶିକ୍ଷାକୁ ବଜାୟ ରଖିବା ଲକ୍ଷ୍ୟରେ ଆବାସ ଏବଂ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ, ୨୦୨୬-୨୭ କେନ୍ଦ୍ର ବଜେଟରେ ଭାରତର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ବାଳିକା (ମହିଳା) ହଷ୍ଟେଲ ପାଇଁ ଘୋଷଣା କରାଯାଇଛି। ଏହି ପଦକ୍ଷେପର ପରିପୂରକ ଭାବେ, ଉଚ୍ଚଶିକ୍ଷା ସଂସ୍ଥାନଗୁଡ଼ିକରେ ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ୍ ନିର୍ମାଣ ପାଇଁ ଏକ ନୂତନ ଯୋଜନାର ପ୍ରସ୍ତାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ସେହିଭଳି କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ନୂତନ ଅନୁଷ୍ଠାନଗୁଡିକ ଏନଇପି (ଜାତୀୟ ଶିକ୍ଷା ନୀତି)— ୨୦୨୦ ଅନୁଯାୟୀ ପ୍ରଥମ ଦିନରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ମୌଳିକ ଭାବରେ ଅଭିନବ ଶିକ୍ଷାଦାନ କାର୍ଯ୍ୟକାରୀ କରିବାର ଅନନ୍ୟ ସୁବିଧା ପାଇପାରିବେ ।

## ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟର

ଭୁବନେଶ୍ୱର, ୨୦।୨(ମହାଭାରତ):ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଭବାନୀପାଟଣା ରେଞ୍ଜର ଭଟାଙ୍ଗପଦର ସେକ୍ସନ ଦାୟିତ୍ୱରେ ଥିବା ଫରେଷ୍ଟର ଭାଗବତ ଭୂଷଣ ବେହେରାଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ତାଙ୍କର ତାଙ୍କର ବହୁ ସଂପତ୍ତି ଥିବା ଜଣାପଡିଛି।

ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଭବାନୀପାଟଣାର ହିଲ୍ ଟାଉନ ଅଞ୍ଚଳରେ ତାଙ୍କର ଏକ ୩ ମହଲା କୋଠା ରହିଛି। ଏହା ପାଖାପାଖି ୫୩୦୦ ବର୍ଗଫୁଟ ଜାଗାରେ ୨୦୨୨ରୁ ୨୦୨୪ ମସିହା ଭିତରେ ନିର୍ମିତ ହୋଇଛି।

ଫରେଷ୍ଟର ଶ୍ରୀ ବେହେରାଙ୍କର ୯ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ। ସବୁ ପ୍ଲଟ ଭବାନୀପାଟଣାରେ ଅଛି। ତାଙ୍କ ଘର ଓ ପ୍ଲଟଗୁଡିକ ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଜାରି ରହିଛି ।ସେହିଭଳି ଭିଜିଲାନ୍ସ ଫରେଷ୍ଟର ଶ୍ରୀ ବେହେରାଙ୍କର ୭ଟି ଗାଡି ଠାବ କରିଛି। ତା' ମଧ୍ୟରେ ରହିଛି ଦୁଇଟି



ଚାରି ଚକିଆ (ଟୟୋଟା ଅର୍ବାନ କ୍ରୁସର ଓ ବୋଲେରୋ) , ଗୋଟିଏ ଦୁଇ ଚକିଆ ଓ ୪ଟି ଟ୍ରାକ୍ଟର। ସେହିଭଳି ତାଙ୍କର ୨ଟି କୁବୋଟା ହାର୍ଭେଷ୍ଟର ମେସିନ ରହିଛି। ଟୟୋଟା ଅର୍ବାନ କ୍ରୁସର ଓ ଗୋଟିଏ ଦୁଇ ଚକିଆ ଗାଡିକୁ ଛାଡି ଦେଲେ ବାକିତକ ବେନାମୀ ବୋଲି ଭିଜିଲାନ୍ସ ଜାଣିବାକୁ ପାଇଛି ।ଏସବୁ ସହିତ ଫରେଷ୍ଟର ଭାଗବତ ଭୂଷଣ ବେହେରାଙ୍କ ଘରୁ ପ୍ରାୟ ୨୧୦ ଗ୍ରାମର ସୁନା ଅଳଙ୍କାର ଜବତ କରାଯାଇଛି। ତାଙ୍କର ବ୍ୟାଙ୍କ ଓ ପୋଷ୍ଟାଲ ଜମା ଅଛି। ତା' ସହିତ ଅନ୍ୟାନ୍ୟ ନିବେଶ ମଧ୍ୟ ରହିଛି। ଏସବୁ ନିବେଶରେ ତାଙ୍କର କେତେ ଟଙ୍କା ରହିଛି, ଭିଜିଲାନ୍ସ ତା'ର ତଦନ୍ତ ଜାରି ରଖିଛି। ଭବାନୀପାଟଣା ସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ତାଙ୍କର ଏକ ଲକର ଅଛି। ତାକୁ ଖୋଲି ଯାଞ୍ଚ କରାଯିବ ବୋଲି ଭିଜିଲାନ୍ସ କହିଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ୨୦୦୦ ମସିହା ଅଗଷ୍ଟ ୨୦ ତାରିଖରେ ଜଣେ ଫରେଷ୍ଟ ଗାର୍ଡ ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ ଶ୍ରୀ ବେହେରା। ସେତେବେଳେ ସେ କଳାହାଣ୍ଡିର ଉତ୍ତର ବନଖଣ୍ଡ ଡିଏଫଓଙ୍କ ଅଫିସରେ ନିଯୁକ୍ତି ପାଇଥିଲେ। ତାଙ୍କର ପ୍ରାରମ୍ଭିକ ଦରମା ୩୦୦୦ ଟଙ୍କା ଥିଲା।

## ମହିଳା ଓ ଶିଶୁ ବିକାଶ : ସୁଭଦ୍ରା ପାଇଁ ୧୦,୧୪୫ କୋଟି

ବିଭିନ୍ନ ମହିଳା ଏବଂ ଶିଶୁ କେନ୍ଦ୍ରିକ ନୀତି ଏବଂ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ମୋଟ ୧୮,୯୫୭ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ମମତା ଯୋଜନା ପାଇଁ ୩୨୦ କୋଟି ଟଙ୍କା ଓ ପିଏମଏମଭିୱାଇ ପାଇଁ ୧୮୦ କୋଟି ଟଙ୍କା , ସୁଭଦ୍ରା ଯୋଜନା ପାଇଁ ୧୦,୧୪୫ କୋଟି ଟଙ୍କା , 'ସମୃଦ୍ଧ ଅଙ୍ଗନବାଡି ଯୋଜନା' -୬୩୫ କୋଟି ଟଙ୍କା . ସମନ୍ୱିତ ବାତ୍ସଲ୍ୟ ସଦନ- ୬୨ କୋଟି ଟଙ୍କା ଓ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା- ୫୫୨ କୋଟି ଟଙ୍କା ଓ ଓଡିଶା ପୁଷ୍ଟି ମିଶନ — ୧୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଆଇସିଡିଏସ୍‌କୁ ରାଜ୍ୟ ସହାୟତା -୧୨୮୦ କୋଟି ଟଙ୍କା ଓ 'ପିଏମ ପୋଷଣ-୭୦୯ କୋଟି ଟଙ୍କା , ଜାତୀୟ ଗ୍ରାମୀଣ ଜୀବିକା ମିଶନ -୧୩୦୩ କୋଟି ଟଙ୍କା. ମିଶନ ଶକ୍ତି ପ୍ରୋଗ୍ରାମ-୧୨୧୫ କୋଟି ଟଙ୍କା ବ୍ୟବସ୍ଥା ରହିଛି।

## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ




ଖବର

# ରିଲିଜ୍ ହୋଇଛି 'ଟକ୍ସିକ୍'ଫିଲ୍ମର ଟିଜର




ଆକ୍ସନ-ଆଡଭେଞ୍ଚର କନ୍ନଡ଼ ଫିଲ୍ମ 'ଟକ୍ସିକ୍'ର ଟିଜର ଆଜି ରିଲିଜ୍ ହୋଇଛି । ଏହି ଟିଜରକୁ ଦେଖିବା ପରେ ଏମିତି ମନେ ହେଉଛି ଯେପରି ସୁପରଷ୍ଟାର ଯଶ ତାଙ୍କ ଫ୍ୟାନ୍ସଙ୍କୁ ଇମ୍ପ୍ରେସ୍ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ।ଏହି ଟିଜର ରିଲିଜ ହେବା ପରେ ଅଭିନେତାଙ୍କ ଟକ୍ସିକ୍ ଲୁକ୍ ଏବଂ ଭୟଙ୍କର ଅଭିନୟ ସମସ୍ତ ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ଟିଜର ସାମ୍ନାକୁ ଆସିବା ପରେ ଫିଲ୍ମ ପାଇଁ ଫ୍ୟାନ୍ସଙ୍କ ଉତ୍ସାହ ଆହୁରି ବଢିଯାଇଛି । ଯେଉଁଥିରେ ରୋମାଣ୍ଟ,ରକ୍ତପାତ,ରିଭେଞ୍ଜ ସହିତ ରୋମାନ୍ସ ମଧ୍ୟ ଦେଖିବାକୁ ପାଇବେ ଦର୍ଶକ । କନ୍ନଡ ସୁପରଷ୍ଟାର ଯଶଙ୍କ ଆକ୍ସନ ଫିଲ୍ମ 'ଟକ୍ସିକ୍'ର ଟିଜରରେ ଟକ୍କର ଦେବା ଭଳି ସିନ୍ ଦେଖିବାକୁ ମିଳିଛି । ଯେଉଁଥିରେ ଅଭିନେତାଙ୍କ ଚତୁରତା, ଜିଦ୍ ଏବଂ ଦୃଢ ମନୋଭାବକୁ ଦର୍ଶାଉଛି । 'କଏର ୨' ପରେ ଯଶଙ୍କୁ ପୁଣି ଆଉ ଏକ ଭିଉ ଗେଟଅପରେ ଦେଖିବାକୁ ପାଇଛନ୍ତି ଦର୍ଶକ । ଏହି ଟିଜରରେ ଅଭିନେତା ଭୟଙ୍କର ଆକ୍ସନରେ ଅଭିନୟ କରୁଥିବା ନଜର ଆସିଛନ୍ତି । ଶେଷରେ ଯଶ ଦମଦାର ଲୁକରେ ନଜର ଆସିବା ସହିତ ''ଆଇ ଆମ ହୋମ୍ ଡ୍ୟାଡି'' ଡାଇଲଗ୍ କହୁଥିବାର ମଧ୍ୟ ଦେଖିବାକୁ ମିଳିଛି ।ଏହି ଫିଲ୍ମ ଗୀତୁ ମୋହନସାଦଙ୍କ ଦ୍ୱାରା ନିର୍ଦ୍ଦେଶିତ । ଏଥିରେ ଯଶଙ୍କ ସମେତ ନୟନତାରା, କିୟାରା ଆଡଭାନୀ, ହୁମା କୁରେଶୀ, ରୁକ୍ମଣୀ ବସନ୍ତ ଏବଂ ତାରା ସୁତାରିଆ ଅଭିନୟ କରିଛନ୍ତି । ଏମାନଙ୍କ ବ୍ୟତୀତ ଫିଲ୍ମରେ ଅକ୍ଷୟ ଓବେରୟ ଏବଂ ସୁଦେବ ନାୟରଙ୍କ ପରି ଅଭିଜ୍ଞ ଅଭିନେତା ମଧ୍ୟ ନଜର ଆସିବେ। ଯାହା ରଣବୀରଙ୍କ ଗ୍ୟାଙ୍ଗଷ୍ଟର ଫିକ୍ସନ୍ ଫିଲ୍ମକୁ ଟକ୍କର ଦେବ ।

## ବାସ୍ତୁପୂଜା ସ୍ଥାନରେ ଗୃହ ନିର୍ମାଣ




ଭବନ ନିର୍ମାଣ ପୂର୍ବରୁ ଭୂମିର ଯେଉଁ ସ୍ଥାନରେ ବାସ୍ତୁ ପୂଜା ହୋଇଥାଏ, ସେହି ସ୍ଥାନକୁ ଭବନ ନିର୍ମାଣ ସମୟରେ ବାଦ୍ ଦେବା ଦ୍ୱାରା ଗୃହରେ ଗୁରୁତର ବାସ୍ତୁ ଦୋଷ ସୃଷ୍ଟି ହୋଇଥାଏ । କୌଣସି ପରିସ୍ଥିତିରେ ମଧ ଏପରି ଦୋଷ ଦୂର କରିବାକୁ ଚେଷ୍ଟା କରନ୍ତୁ । ନଚେତ୍ ଗୃହସ୍ଥଙ୍କ ଜୀବନରେ ନାନା ସମସ୍ୟା ଦେଖାଦେଇଥାଏ ।

ଭବନର ବ୍ରହ୍ମସ୍ଥାନ ଦୂଷିତ ହେଲେ ଏହାର କୁପ୍ରଭାବ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ଏଣୁ ଗୃହର ଡ୍ରେନେଜ୍ ବ୍ୟବସ୍ଥା ବାସ୍ତୁ ଅନୁଯାୟୀ ହେବା ଉଚିତ୍ । ଏଣୁ ବ୍ରହ୍ମସ୍ଥାନ ବା ଦକ୍ଷିଣ-ପଶ୍ଚିମକୋଣକୁ ଛାଡ଼ି ଗାଧୁଆଘରର ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଉଚିତ୍ । ଉତ୍ତର ଦିଗରେ ଏହି ବ୍ୟବସ୍ଥା ହେଲେ ଉତ୍ତମ । ଏହାଦ୍ୱାରା ବାସ୍ତୁ ଦୋଷ ଦୂର ହୋଇପାରିବ ।

# ଭଗବାନ ଶ୍ରୀକୃଷ୍ଣଙ୍କ ଶଙ୍ଖ



ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୁତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଶବ୍ଦରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଶବ୍ଦ କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କଙ୍କ ଆଶ୍ରମରେ ରଖିଦେଇଯାଇଥିଲେ କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ ଥିବା ମଧ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

# ଘରେ କିପରି ରଖିବେ ଲଡୁଗୋପାଳଙ୍କୁ





ଭଗବାନ ଲଡୁଗୋପାଳଙ୍କ ମହିମା ସମସ୍ତଙ୍କୁ ଜଣା। ତେବେ ଯଦି ଘରେ ଲଡୁ ଗୋପାଳଙ୍କୁ ରଖିଛନ୍ତି ବିଧି ଅନୁଯାୟୀ ତାଙ୍କର ପୂଜାର୍ଚ୍ଚନା କରନ୍ତୁ। ଲଡୁ ଗୋପାଳ ଯେଉଁଘରେ ରହିଥାନ୍ତି, ସେହି ଘରକୁ ନିଜ ଘର ବୋଲି ମନେ କରିଥାନ୍ତି। ଘରର ସଦସ୍ୟମାନଙ୍କୁ ନିଜର ବୋଲି ଭାବିଥାନ୍ତି। ଭଗବାନ ଲଡୁ ଗୋପାଳ ନିଜକୁ ପରିବାରର ଜଣେ ସଦସ୍ୟ ଭାବେ ନିଜକୁ ମନେ କରନ୍ତି। ସର୍ବଦା ଶୁଦ୍ଧ କ୍ଷୀରରେ ତାଙ୍କୁ ସ୍ନାନ କରାଇ ସ୍ୱଚ୍ଛ ବସ୍ତ୍ର ପରିଧାନ କରାନ୍ତୁ। ଲଡୁଗୋପାଳଙ୍କୁ ସର୍ବଦା ଝୁଲଣାରେ ଅବସ୍ଥାପିତ କରନ୍ତୁ। ଘରକୁ ଯେକୌଣସି ମିଷ୍ଟାନ୍ନ ଆଣିଲେ ପ୍ରଥମେ ଲଡୁ ଗୋପାଳଙ୍କୁ ଅର୍ପଣ କରନ୍ତୁ। ଘରେ ଥିବା ଲଡୁ ଗୋପାଳଙ୍କର ଏକ ଭିନ୍ନ ନାମ ଦିଅନ୍ତୁ। ତାଙ୍କ ସହିତ ସର୍ବଦା ପ୍ରେମଭକ୍ତି ସହକାରେ କଥାବାର୍ତ୍ତା କରନ୍ତୁ। ପ୍ରେମର ସହ ତାଙ୍କୁ ଭୋଜନ କରାନ୍ତୁ। ପ୍ରତିଦିନ ରାତିରେ ଲଡୁ ଗୋପାଳଙ୍କୁ ଶୟନ କରାନ୍ତୁ। ପ୍ରତିଦିନ ପ୍ରାତଃ ସମୟରେ ପ୍ରେମର ସହ ତାଙ୍କୁ ଜାଗ୍ରତ କରାନ୍ତୁ। ଲଡୁ ଗୋପାଳ କୌଣସି ଘରେ ପ୍ରବେଶ କରାଇବା ବେଳେ ତାଙ୍କ ମଧ୍ୟରେ ପ୍ରାଣ ପ୍ରତିଷ୍ଠା ହୋଇ ଯାଇଥାଏ। ତେଣୁ ତାଙ୍କୁ ଏକ ପ୍ରତୀମା ସ୍ୱରୁପ ନ ମାନି ପରିବାର ସଦସ୍ୟ ଭାବି ଯଥାବିଧି ପୂଜାର୍ଚ୍ଚନା କରନ୍ତୁ ଏବଂ ଲଡୁ ଗୋପାଳଙ୍କ ଆଶୀର୍ବାଦ ଲାଭ କରନ୍ତୁ।

# ବୀର ଗୋଗା ଦେବଙ୍କ କଥା

ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି ଗୋଗାମେଡ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।



ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼ା ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ୍ୟ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଲିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

# ଧାନ ବିକ୍ରୀ ଅନିୟମିତତା ନେଇ ବିରୋଧୀଙ୍କ ହଟ୍ଟଗୋଳ

**ଭୁବନେଶ୍ୱର,୨୦।୨ (ମହାଭାରତ):** ଚାଷୀ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଜି ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକ ମାନେ ହଟ୍ଟଗୋଳ କରିଛନ୍ତି। ଏହି କାରଣରୁ ବଜେଟ ଅଧିବେଶନର ଦ୍ୱିତୀୟ ଦିବସର ପ୍ରଥମାର୍ଧରେ ପ୍ରଶ୍ନକାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ବାଚସ୍ପତି ଗୃହକୁ ପ୍ରଥମେ ୧୧.୩୦ ଯାଏ ଓ ପରେ ଅପରାହ୍ନ ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଛନ୍ତି।



ଆଜି ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା ଆଜି ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ। ବିଧାୟକ ସଂଜଳି ମୁର୍ମୁଙ୍କ ଏକ ପ୍ରଶ୍ନର ଉତର ଦେବାକୁ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଡାକିଥିଲେ। ତଦନୁଯାୟୀ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରଶ୍ନର ଉତର ଦେଉଥିଲେ। ହେଲେ ଆରମ୍ଭରୁ ବିରୋଧୀଙ୍କ ପକ୍ଷରୁ ପ୍ରବଳ ହଟ୍ଟଗୋଳ କରାଯାଇଥିଲା। ଧାନମଣ୍ଡି ସମସ୍ୟା, ଧାନକିଣାରେ ଅନିୟମିତତା ଓ ଚାଷୀ ମାନଙ୍କର ଅନ୍ୟ ସମସ୍ୟାକୁ ନେଇ ନେଇ ବିଜେଡି ଓ କଂଗ୍ରେସର ବିଧାୟକ ମାନେ ପ୍ରତିବାଦ କରିଥିଲେ। ବିରୋଧୀ ଦଳର ବିଧାୟକ ମାନେ ସରକାରଙ୍କର ଚାଷୀ ମାରଣାନୀତି, ମଣ୍ଡି ସମସ୍ୟା, କଟନୀଛଟନୀ ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ କରିଥିଲେ। ସେମାନଙ୍କ ହାତରେ ବ୍ୟାନର ମାନ ଥିଲା ଯେଉଁଥିରେ ବିଭିନ୍ନ ପ୍ରକାର ସରକାର ବିରୋଧୀ ସ୍ଲୋଗାନ ମାନ ଲେଖା ଯାଇଥିଲା। ବାଚସ୍ପତି ସୁରମା ପାଢୀ ହଟ୍ଟଗୋଳ କରୁଥିବା ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ହେଲେ ଏହାର କୌଣସି ପ୍ରକାର ପ୍ରଭାବ ବିରୋଧୀ ବିଧାୟକଙ୍କ ଉପରେ ପଡି ନ ଥିଲା। ଏହା ଫଳରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।


୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେଲା ମାତ୍ରେ ସେହି ସମାନ ସ୍ଥିତି ଉତ୍ପନ୍ନ ହୋଇଥିଲା। ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ଚାଷୀ ମାନଙ୍କ ସମସ୍ୟାକୁ ନେଇ ପୁଣି ଥରେ ହଟ୍ଟଗୋଳ ଆରମ୍ଭ କରି ଦେଇଥିଲେ। ସେମାନଙ୍କ ହାତରେ ବ୍ୟାନର ରହିଥିଲା। ସେମାନେ ନାରାବାଜୀ କରି ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ। ବାଚସ୍ପତି ସୁରମା ପାଢୀ ହଟ୍ଟଗୋଳ କରୁଥିବା ବିଧାୟକ ମାନଙ୍କୁ ପୁଣି ଥରେ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ। ହେଲେ ସେମାନେ ହଟ୍ଟଗୋଳ ଜାରି ରଖିଥିଲେ । ଫଳରେ ବାଚସ୍ପତି ୧୧.୩୫ ମିନିଟରେ ଅପରାହ୍ନ ୪ଟା ଯାଏ ଗୃହ କାର୍ଯ୍ୟ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

# ବଦଳିବ ହଳଦିଆପଦର ବ୍ରିଜ୍ ଡିଜାଇନ୍ : ମନ୍ତ୍ରୀ

**ଭୁବନେଶ୍ୱର,୨୦।୨ (ମହାଭାରତ):** ହଳଦିଆପଦର ବ୍ରିଜ୍ ପ୍ରସଙ୍ଗରେ ପରିବହନ ମନ୍ତ୍ରୀ ବିଭୂତି ଜେନା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଯେଉଁଦିନରୁ ବ୍ରିଜ ତିଆରି ହୋଇଛି, ସେବେଠାରୁ ଡିଜାଇନ ଭୁଲ୍ ଅଛି। ଏଥିପାଇଁ ବହୁତ ଜୀବନ ଅକାରଣରେ ଗଲାଣି। ସ୍ୱାର୍ଥ ସାଧନ ପାଇଁ ଯେଉଁ କାମ କରାଯାଇଥିଲା ତାକୁ ସମସ୍ତେ ନିନ୍ଦା କରୁଛନ୍ତି। ଆଜି ଯେଉଁମାନେ କହୁଛନ୍ତି, ସେମାନେ ଆଗରୁ କହୁନଥିଲେ। ବ୍ରିଜ ପ୍ରସଙ୍ଗରେ ଆଗରୁ ବହୁତ ଥର ସ୍ୱର ଉତୋଳନ କରିଛି। କିନ୍ତୁ ଏ ପର୍ଯ୍ୟନ୍ତ ଭୁଲ ହୋଇଥିବା ଡିଜାଇନ୍ ପରିବର୍ତନ କରାଯାଇ ନଥିଲା। ହଳଦିଆପଦର ଦୁର୍ଘଟଣା ଏବେ ସମସ୍ତଙ୍କ ଆଖି ଖୋଲିଯାଇଛି। ତେଣୁ ଆଗକୁ ଡିଜାଇନ ଭଲ ଭାବେ କରାଯିବ। ଜାନୁଆରୀ ୩୧ରେ ଦୁର୍ଘଟଣା ପାଇଁ ୫ଟି ଜୀବନ ଯାଇଥିଲା। ଏହାକୁ ନେଇ ସୁପ୍ରିମକୋର୍ଟ ରୋଡ଼ ସେଫ୍ଟି କମିଟି ରିପୋର୍ଟ ମାଗିଥିଲେ। ଯାହାକୁ ନେଇ ମୁଖ୍ୟ ଶାସନ ସଚିବ ମଧ୍ୟ ଲେଖିଛନ୍ତି। ଏହା ଉପରେ ବିଭାଗୀୟ ଟିମ୍ ସ୍ପଟ୍ ଉପରକୁ ଯାଇ ତଦନ୍ତ କରିଛି। ଯେଉଁ ଗାଡ଼ି ଦୁର୍ଘଟଣା କରିଥିଲା, ତାର ରେଜିଷ୍ଟ୍ରେସନ ବାତିଲ କରାଯାଇଛି। ଡ୍ରାଇଭରକୁ ମଧ୍ୟ ବିଏନଏସ୍ ୧୦୫ରେ ତୁରନ୍ତ ଗିରଫ କରାଯାଇଛି।

# ବିବାଦୀୟ ଜେଲର ସନ୍ତୋଷିନୀ ସସ୍‌ପେଣ୍ଡ୍

**କଟକ,୨୦।୨ (ମହାଭାରତ):** କର୍ତ୍ତବ୍ୟରେ ଅବହେଳା ପାଇଁ ଶେଷରେ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି ବିବାଦୀୟ ଜେଲର ସନ୍ତୋଷିନୀ ଦାଶ। କଣ୍ଟାବାଞ୍ଜି ଉପକାରାଗାରର ଜେଲର-କମ-ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷିନୀ ଦାଶଙ୍କୁ ନିଲମ୍ବନ କରାଯାଇଛି। ଚୌଦ୍ୱାରରୁ କଣ୍ଟାବାଞ୍ଜିକୁ ବଦଳି ହୋଇଥିଲେ ହେଁ ସେ କାର୍ଯ୍ୟରେ ଯୋଗ ଦେଇନଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଛୁଟିରେ ଥିବା କହିଥିଲେ ମଧ୍ୟ କର୍ତ୍ତବ୍ୟରେ ଅବହେଳା ଓ ଅସଦାଚରଣ ପାଇଁ ଜେଲ୍ ଡିଜି ସୁଶାନ୍ତ ନାଥ ତାଙ୍କୁ ସସ୍‌ପେଣ୍ଡ୍ କରିଛନ୍ତି। ନିଲମ୍ବନ ସମୟରେ ତାଙ୍କର ମୁଖ୍ୟାଳୟ ସମ୍ବଲପୁର ସର୍କଲ ଜେଲ୍‌ରେ ରହିବ।



ସନ୍ତୋଷିନୀ ଦାଶଙ୍କ ନିଲମ୍ବନ ପୂର୍ବରୁ ଗଣମାଧ୍ୟମ ସହ ଆଲୋଚନା ବେଳେ ଜେଲ୍ ଡିଜି ସୁଶାନ୍ତ ନାଥ ବିଭାଗର ଅନେକ ଅପାରଗତାକୁ ସ୍ୱୀକାର କରିଛନ୍ତି। ଡିଜି କହିଛନ୍ତି ରାଜ୍ୟରେ ଜଣେ ବି ଜେଲ୍ ଅଧିକାରୀ କିମ୍ବା କର୍ମଚାରୀ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହେଉନାହାନ୍ତି। ଚଳିତ ବର୍ଷ ପ୍ରାୟ ୩୦ ଜଣ କର୍ମଚାରୀଙ୍କ ବିରୋଧରେ ବିଭିନ୍ନ ମାମଲା ଚାଲିଛି।

ଚୌଦ୍ୱାର ଜେଲ୍‌ରେ ଜଣେ ମହିଳା କଏଦୀଙ୍କ ସୁନା ଚୋରି ହେବା ଓ ତା'ର ରଫାଦଫା ପାଇଁ ୧ ଲକ୍ଷ ୯୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବା ଘଟଣାରେ ଡିଜି କ୍ଷୋଭ ପ୍ରକାଶ କରିଛନ୍ତି। ତତ୍କାଳୀନ ଜେଲ୍ ଅଧୀକ୍ଷକ ରେଜିଷ୍ଟର୍ ତଦାରଖ କରିବାରେ ତ୍ରୁଟି କରିଥିଲେ ଏବଂ ଏହି ଟଙ୍କା କେଉଁ ପାଣ୍ଠିରୁ ଦିଆଗଲା, ସେ ନେଇ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଗତ ୨୦୨୪ରେ ୧୨ ଜଣ ଏବଂ ୨୦୨୫ରେ ୬ ଜଣ କଏଦୀ ଜେଲ୍‌ରୁ ଖସି ପଳାଇଛନ୍ତି। ଏହାକୁ ରୋକିବା ପାଇଁ ୩୪ଟି ଜେଲ୍‌ରେ ଏଆଇ ଟାୱାର ବ୍ୟବସ୍ଥା କରାଯାଉଛି।ବିଭାଗର ଗୁମର ଖୋଲିବା ସହ ଅଧିକାରୀଙ୍କ କୌଣସି ତ୍ରୁଟି ସାମ୍ନାକୁ ଆସିଲେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜି ନାଥ ଚେତାବନୀ ଦେଇଛନ୍ତି।

# ଅବକାରୀ ପୋଲିସ ପିନ୍ଧିଲେ ବଡ଼ି କ୍ୟାମେରା

**ଭୁବନେଶ୍ୱର,୨୦।୨ (ମହାଭାରତ):** ରାଜ୍ୟର ଅବକାରୀ ପୋଲିସ୍ ମାନଙ୍କୁ ବଡି କ୍ୟାମେରା ପ୍ରଦାନ କରାଯାଇଛି। ସରକାର ଭୁବନେଶ୍ୱର ଅବକାରୀ ଥାନାକୁ ୧୦ଟି ବଡ଼ି କ୍ୟାମେରା ଏବଂ ଖୋର୍ଦ୍ଧା ଜିଲ୍ଲାକୁ ୧୦ଟି ବଡ଼ି କ୍ୟାମେରା ଦେଇଛନ୍ତି। ବଡ଼ି କ୍ୟାମେରା ରେଡ ସମୟରେ ଅବକାରୀ ପୋଲିସକୁ ବେଶ ସହାୟକ କରିବ। ଅବକାରୀ ମନ୍ତ୍ରୀ ବଡ଼ି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅବକାରୀ ଏସ୍‌ପି ଦେବାଶିଷ ପଟେଲ ଏହି ସୂଚନା ଦେଇଛନ୍ତି।



# ଅବୈଧ ଦଖଲରୁ ମୁକ୍ତ ହେବ ମହାପ୍ରଭୁଙ୍କ ସମ୍ପତ୍ତି

**ଭୁବନେଶ୍ୱର,୨୦।୨ (ମହାଭାରତ):** ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ଓଡ଼ିଆ ଜାତିର ଜମିଦାର। ତାଙ୍କର ସମସ୍ତ ଜମିଜମାର ସୁରକ୍ଷା ଆମ ସଭିଙ୍କର ନୈତିକ ଦାୟିତ୍ୱ ବୋଲି କହିଛନ୍ତି ରାଜସ୍ୱ ସଚିବ ଡ଼ ଅରବିନ୍ଦ ପାଢୀ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା ସମ୍ବନ୍ଧୀୟ ସୁରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଲୋକସେବା ଭବନରେ ରାଜସ୍ୱ ବିଭାଗ ସମ୍ମିଳନୀ କକ୍ଷରେ ରାଜସ୍ୱ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା ଏବଂ ପୁନରୁଦ୍ଧାର ସମ୍ବନ୍ଧରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସମସ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି।




ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ଥିବା ସମସ୍ତ ଭୂ-ସମ୍ପତ୍ତିର ଖତିୟାନ୍ ସଂଶୋଧନ ସହ ବିଭିନ୍ନ ଅପେକ୍ଷିତ ମାମଲାର ତୁରନ୍ତ ସମାଧାନ କରିବାକୁ ଡ. ପାଢୀ ଗୁରୁତ୍ୱ ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ତହସିଲ୍ ତଥା ଜାତୀୟ ଏବଂ ରାଜ୍ୟ ରାଜପଥ ନିକଟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ଥିବା ଜମିଜମାକୁ ଅବୈଧ ଦଖଲରୁ ମୁକ୍ତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ପ୍ରତ୍ୟେକ ମାସର ପ୍ରଥମ ବୁଧବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧକ୍ଷତାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିଜମାର ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ମହାପ୍ରଭୁଙ୍କ ଜମିଜମା ସୁରକ୍ଷା ତଥା ପରିଚାଳନାକୁ ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ବିଭାଗରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଜମି ଉପବିଭାଗ ବା ଲ୍ୟାଣ୍ଡ୍ ସେଲ୍ ଅବସ୍ଥାପିତ କରାଯିବା ନିମନ୍ତେ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଗକୁ ମଧ୍ୟ ବିଭିନ୍ନ ସମୟରେ ରାଜସ୍ୱ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ବୈଠକ ସହିତ ଅନ୍ୟ ଜିଲ୍ଲାରେ ସମୀକ୍ଷା ବୈଠକ କରାଯିବ ବୋଲି ଡ. ପାଢୀ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଦେବବ୍ରତ ସାହୁ, ରାଜସ୍ୱ ବିଭାଗର ଭୂସଂସ୍କାର ଶାଖାର ବରିଷ୍ଠ ଅଧିକାରୀବୃନ୍ଦ, ଖୋର୍ଦ୍ଧା ଜିଲ୍ଲାର ଉପଜିଲ୍ଲାପାଳ ଏବଂ ତହସିଲଦାରଗଣ ଉପସ୍ଥିତ ଥିଲେ।

# ପଳାଶୁଣୀରେ ନିର୍ମାଣ ହେବ ନୂଆ ବ୍ରିଜ୍

**ଭୁବନେଶ୍ୱର,୨୦।୨ (ମହାଭାରତ):** ପଳାଶୁଣୀରୁ ହଂସପାଳ ମଧ୍ୟରେ ବଢୁଥିବା ଟ୍ରାଫିକ୍ ଭିଡ଼ ଯନ୍ତ୍ରଣା କମାଇବାକୁ ବଡ଼ ପଦକ୍ଷେପ ନେଇଛି କେନ୍ଦ୍ର ସଡକ କର୍ତ୍ତୃପକ୍ଷ। ଏହି ରାସ୍ତାରେ ଦୀର୍ଘଦିନ ଧରି ସକାଳ ଓ ସନ୍ଧ୍ୟା ସମୟରେ ଭୟାବହ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଥିଲା। ବିଶେଷକରି କଟକ–ଭୁବନେଶ୍ୱର ମଧ୍ୟରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହା ବଡ଼ ସମସ୍ୟା ହୋଇପଡିଥିଲା। ଭିଡ ନିୟନ୍ତ୍ରଣ କରିବା ପାଇଁ ପଳାଶୁଣୀରେ ଆଉ ଗୋଟିଏ ନୂଆ ବ୍ରିଜ୍ ନିର୍ମାଣ କରାଯିବ ବୋଲି ସୂଚନା ଦେଇଛି ଏନଏଚଏଆଇ। ବର୍ତ୍ତମାନ ୪ ଲେନ୍ ଥିବା ଏହି ରାସ୍ତାକୁ ୬ ଲେନ୍ କରିବା ପ୍ରସ୍ତାବ ରହିଛି। ଏହା ଫଳରେ ଯାନବାହନ ଚଳାଚଳ ଅଧିକ ସହଜ ହେବ ଓ ଟ୍ରାଫିକ୍ ଭିଡ ବହୁ ଅଂଶରେ କମିବ ବୋଲି ଏନଏଚଏଆଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୫ କୋଟି ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଉଛି। ଦେଢ ବର୍ଷ ମଧ୍ୟରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି।

# ରାଜଧାନୀରେ ୧୫ଲକ୍ଷ ଯାନବାହାନ ପଞ୍ଜିକୃତ

**ଭୁବନେଶ୍ୱର,୨୦।୨ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ଦୁଇଟି ଆଂଚଳିକ କାର୍ଯ୍ୟାଳୟ ଥିବାବେଳେ ଏଠାରେ ମୋଟ ୧୫,୨୦,୩୪୬ ଗୋଟି ବିଭିନ୍ନ କିସମର ଯାନବାହାନ ପଞ୍ଜିକୃତ ହୋଇଛି। ଏହାଛଡା ଅନ୍ୟ ରାଜ୍ୟ ଓ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଯାନବାହାନ ମଧ୍ୟ ଏଠାରେ ଚଳାଚଳ କରୁଛି। ରାଜଧାନୀର ଚଳାଚଳ କରୁଥିବା ଯାନବାହାନ ଓ ଏଗୁଡିକୁ ରଖିବାପାଇଁ ସ୍ଥାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଆଇଡି କାର୍ଡ ବାଧ୍ୟତାମୂଳକ

**ଭୁବନେଶ୍ୱର,୨୦।୨ (ମହାଭାରତ):** ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ୍ୟାମ୍ପସର ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ କଠୋର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବର୍ତ୍ତମାନଠାରୁ ବିଶ୍ୱବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପରିଚୟ ପତ୍ର ବାଧ୍ୟତାମୂଳକ କରାଯାଇଛି। ନୂତନ ନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମୀମାନେ ଯେକୌଣସି ସମୟରେ ଛାତ୍ରଛାତ୍ରୀଙ୍କ ପରିଚୟ ପତ୍ର ଯାଞ୍ଚ କରିପାରିବେ। ଯଦି କୌଣସି ବ୍ୟକ୍ତି ପରିଚୟ ପତ୍ର ଦେଖାଇବାରେ ବିଫଳ ହୁଅନ୍ତି ବା କ୍ୟାମ୍ପସରେ ରହିବାର ସଠିକ୍ କାରଣ ଦର୍ଶାଇ ନପାରନ୍ତି, ତେବେ ତାଙ୍କୁ 'ଅନଧିକାର ପ୍ରବେଶକାରୀ' ଭାବେ ଅଟକ ରଖାଯାଇ ତୁରନ୍ତ ପୋଲିସ ଜିମା ଦିଆଯିବ। ସେହିପରି ବିଶ୍ୱବିଦ୍ୟାଳୟ ପରିସରକୁ ନିଶାମୁକ୍ତ ରଖିବା ପାଇଁ ମଦ, ତମାଖୁ, ଇ-ସିଗାରେଟ୍ ଏବଂ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଅଯଥା ବୁଲାବୁଲି କରିବା, କ୍ୟାମ୍ପସର ଶାନ୍ତି ଭଙ୍ଗ କରିବା ବା ଶୈକ୍ଷିକ ପରିବେଶ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



# ପଦ୍ମପୁର ତହସିଲଦାର ନିଲମ୍ବିତ

**ବରଗଡ,୨୦।୨ (ମହାଭାରତ):** ବରଗଡ ଜିଲ୍ଲା ପଦ୍ମପୁର ତହସିଲଦାର ବିପିନ କୁମାର ପ୍ରଧାନଙ୍କୁ ଦୁର୍ନୀତି ଅଭିଯୋଗରେ ନିଲମ୍ବନ କରିଛନ୍ତି ରାଜ୍ୟ ସରକାର। ଜିଲାପାଳଙ୍କ ରିପୋର୍ଟ ଆଧାରରେ ପଦ୍ମପୁରର ତହସିଲଦାରଙ୍କୁ ନିଲମ୍ବନ କରାଯାଇଛି। ରାଜସ୍ୱ ବିଭାଗରେ କୌଣସି ପ୍ରକାର ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ପରିପ୍ରେକ୍ଷୀରେ ଚେତାବନୀ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ୱ ସଚିବ ଡଃ ଅରବିନ୍ଦ ପାଢୀ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ ବୋଲି ନିକଟରେ ବିଭାଗର ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରିଥିଲେ।

# ଭିଜିଲାନ୍ସ ଜାଲରେ ତହସିଲଦାର

**ସୋର,୨୦।୨ (ମହାଭାରତ):** ଓଡ଼ିଶା ଭିଜିଲାନ୍ସ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲେଶ୍ୱର ଜିଲା ସୋର ତହସିଲଦାରଙ୍କୁ ଗିରଫ କରିଛି। ଜବତ ହୋଇଥିବା ପଥର ବୋଝେଇ ଟ୍ରକ୍ ଛାଡ଼ିବା ପାଇଁ ଲାଞ୍ଚ ନେଉଥିବା ବେଳେ ସେ ଧରାପଡ଼ିଛନ୍ତି। ଗୁରୁବାର ସୋର ତହସିଲଦାର ଦୈତାରୀ ମଲ୍ଲିକ ଏବଂ ତାଙ୍କ ସହଯୋଗୀ ଦୟାନିଧି ଜେନାଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଛି। ଜଣେ ଟ୍ରକ୍ ମାଲିକଙ୍କ ଠାରୁ ୪୦,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଏହି ଚଢ଼ାଉ କରାଯାଇଥିଲା।



ତହସିଲଦାର ମଲ୍ଲିକ ଗତ ୧୧ ଫେବୃଆରୀରୁ ପଥର ବୋଝେଇ ୫ଟି ଟ୍ରକକୁ ଅଟକ ରଖିଥିଲେ। ଏହି ଟ୍ରକ୍ ଗୁଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର ନ କରିବା ଏବଂ ମୋଟା ଅଙ୍କର ଜୋରିମାନାରୁ ବଞ୍ଚାଇବା ପାଇଁ ସେ ୧ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଟ୍ରକ୍ ମାଲିକ ଏତେ ଟଙ୍କା ଦେବାକୁ ଅସମର୍ଥ ପ୍ରକାଶ କରିବାରୁ, ମୂଲଚାଲ ପରେ ୪୦,୦୦୦ ଟଙ୍କାକୁ କମାଯାଇଥିଲା। ଏ ନେଇ ଟ୍ରକ୍ ମାଲିକ ଭିଜିଲାନ୍ସକୁ ସୂଚନା ଦେଇଥିଲେ। ଗୁରୁବ୍ର ନିଜ ସହଯୋଗୀଙ୍କ ଜରିଆରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଉଭୟଙ୍କୁ ଧରିଥିଲା। ଉଭୟଙ୍କ ନିକଟରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଗିରଫ ପରେ ତହସିଲଦାର ଦୈତାରୀ ମଲ୍ଲିକଙ୍କ ସମ୍ପତ୍ତିର ଯାଞ୍ଚ ପାଇଁ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ତଲାସି କରାଯାଉଛି। ଏହି ମାମଲାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

# ବ୍ରାଉନସୁଗାର ଜବତ : ୩ ଗିରଫ

**ପାରାଦୀପ୨୦।୨ (ମହାଭାରତ):** ପାରାଦୀପ ତଥା ଜଗତସିଂହପୁର ଜିଲ୍ଲାରେ ବ୍ରାଉନସୁଗାର ଓ ନିଶା କାରବାର ଉପରେ ଜିଲ୍ଲା ପୋଲିସ ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରିଛି। କିଛି ଦିନର ବ୍ୟବଧାନ ପରେ ପାରାଦୀପ ଲକ ଥାନା ପୋଲିସ ଲକ୍ଷାଧିକ ଟଙ୍କାର ଧଳା ଜହର (ବ୍ରାଉନ ସୁଗାର) ଜବତ କରିବା ସହିତ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗତ ବୁଧବାର ଅପରାହ୍ନରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସପି) ଙ୍କ ନିର୍ଦ୍ଦେଶ ତଥା ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଏସପି) ସ୍ମୃତି ରଞ୍ଜନ କର ଏବଂ ପାରାଦୀପ ଲକ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ସବ-ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଗଠିତ ଏକ ଟିମ ଚୌମୁହାଁଣି ଛକ, ବାଲିଡିଆ ନିକଟରେ ଅଚାନକ ପହଞ୍ଚି ସନ୍ଦେହଜନକ ଭାବେ ସେଠାରେ ବୁଲୁଥିବା ବାଲିଡିଆ ଗ୍ରାମର ବିଚିତ୍ରାନନ୍ଦ ପ୍ରଧାନଙ୍କ ପୁଅ ବିକ୍ରମ ପ୍ରଧାନ, ଚୌମୁହାଁଣିର ହରେକୃଷ୍ଣ ଜେନାଙ୍କ ପୁଅ ବିଶ୍ୱଜିତ ଜେନା ଓ ବାଲିଡିଆ ଗ୍ରାମର ଦେବେନ୍ଦ୍ର ପ୍ରଧାନଙ୍କ ପୁଅ ରଞ୍ଜିତ ପ୍ରଧାନ (ଢାକୁ)ଙ୍କୁ ଧରି ପଚରାଉଚରା କରିବା ବେଳେ ସେମାନଙ୍କ ଠାରୁ ୨୧.୪୧ ଗ୍ରାମର ବ୍ରାଉନ ସୁଗାର ଯାହାର ଆନୁମାନିକ ମୂଲ୍ୟ ୨.୨ ଲକ୍ଷ ଟଙ୍କା ସମେତ ତିନୋଟି ମୋବାଇଲ, ଗୋଟିଏ ବାଇକ ଜବତ କରିବାରେ ସଫଳ ହୋଇଥିଲେ। ଏ ବାବଦରେ ଅଭିଯୁକ୍ତଙ୍କ ବିରୋଧରେ ଲକ ଥାନା କେଶ ନମ୍ବର ୬୧, ୧୮ ଫେବୃଆରୀ /୨୬ ରେ ୩ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ରଶ୍ମୀ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।



# ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ବିଜେଡି କର୍ମୀ ବିଜେପିରେ ସାମିଲ

**ଭୁବନେଶ୍ୱର,୨୦।୨ (ମହାଭାରତ):** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ଅନେକ ଜନହିତକାରି, ଗରିବ କଲ୍ୟାଣକାରୀ, ଜନକଲ୍ୟାଣକାରୀ, ସର୍ବବ୍ୟାପି, ସର୍ବସ୍ପର୍ଶୀ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି କଳାହାଣ୍ଡି ଜିଲ୍ଲାର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି । ଆଜି ଏହି ମିଶ୍ରଣ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ଦଳୀୟ ସଂଗଠନ ବୃଦ୍ଧି ପାଇଛି। ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବ ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।




ଆଜି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ କମଳା ପାତ୍ର ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀମତି ପାତ୍ରଙ୍କ ସମେତ ଲାଞ୍ଜିଗଡ ରୋଡ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟା ଶ୍ରୀମତୀ ମୁକ୍ତା ଭୋଇ, ବେନଗାଁ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀମତୀ ଯଶବନ୍ତି ନାଏକ, ବେଡଗାଁ ଗ୍ରାମପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀ ତ୍ରିନାଥ ମାଝୀ, ବସନ୍ତପଡା ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ପୁଙ୍ଗରି ମାଝୀ, ଛତ୍ରପୁର ଗ୍ରାମପଂଚାୟତର ପଂଚାୟତ ସମିତି ସଦସ୍ୟ ସନ୍ୟାସୀ ମାଝୀ, ଭଟାଙ୍ଗପଦର ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ରୂପେନ୍ଦ୍ର ଛତ୍ରିଆ, ଭୂତିଗଡ ଗ୍ରାମ ପଂଚାୟତର ସମାଜସେବୀ ହରିଶଙ୍କର ପାତ୍ର, ଦିଲୀପ କୁମାର ନାଏକ, ସାନ ବାଗ୍ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେଡି ଛାଡି ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି । ସେହିପରି ଥୁଆମୁଲ ରାମପୁର ବ୍ଲକର ସିନ୍ଦିପଦର ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ ଗୀତାଞ୍ଜଳି ମାଝୀ, ଥୁଆମୁଲ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟା ଶ୍ରୀମତୀ ରାଣୀ ନାଏକ, ସିନ୍ଦିପଦର ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ବିକ୍ରମ ମାଝୀ, ପୂର୍ବତନ ବ୍ଲକ ବିଜେଡି ସଭାପତି ଇଶ୍ୱର ରେଲି, ନକ୍ରୁନ୍ଦି ଗ୍ରାମ ପଂଚାୟତର ବିଜେଡି ଯୁବ ନେତା ଅଜିତ ନାଏକ, ମନୋଜ କୁମାର ନାଏକ ବିଜେପିରେ ଯୋଗଦାନ କରିଛନ୍ତି।

# ବ୍ରହ୍ମପୁର ରେଳ ଷ୍ଟେସନ ବିକାଶ ପାଇଁ ୯୩.୧୯ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର୨୦।୨ (ମହାଭାରତ):** ଦକ୍ଷିଣ ଓଡ଼ିଶାରେ ରେଳ ଭିତିଭୂମି ଏବଂ ଆଂଚଳିକ ବିକାଶକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ସ୍ୱରୂପ, ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ୯୩.୧୯ କୋଟି ଟଙ୍କା ବ୍ୟୟରେ ବ୍ରହ୍ମପୁର ରେଳ ଷ୍ଟେସନର ପୁନଃବିକାଶକୁ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଷ୍ଟେସନକୁ ଏକ ଆଧୁନିକ, ଯାତ୍ରୀ ଅନୁକୂଳ, ସ୍ମାର୍ଟ ଏବଂ ସ୍ଥାୟୀ ପରିବହନ ହବ୍ ଭାବରେ ପରିଣତ କରିବା ଯାହା ଭବିଷ୍ୟତର ଅଭିବୃଦ୍ଧି ଆବଶ୍ୟକତାକୁ ଆରାମରେ ପୂରଣ କରିପାରିବ। ଓଡ଼ିଶାର ସିଲ୍କ ସିଟି ଭାବେ ଜଣାଶୁଣା ବ୍ରହ୍ମପୁର ଏବଂ ଗୋପାଳପୁର ସମୁଦ୍ର ବେଳାଭୂମି ଏବଂ ତାରାତାରିଣୀ ମନ୍ଦିର ଭଳି ପ୍ରସିଦ୍ଧ ସ୍ଥାନଗୁଡ଼ିକର ପ୍ରବେଶ ଦ୍ୱାର ଭାବରେ ପରିଚିତ ବ୍ରହ୍ମପୁର ରେଳ ଷ୍ଟେସନ, ଏହି ଅଞ୍ଚଳର ସବୁଠାରୁ ପୁରୁଣା ଏବଂ ବ୍ୟସ୍ତବହୁଳ ରେଳ ଷ୍ଟେସନ ମଧ୍ୟରୁ ଗୋଟିଏ। ଅଦ୍ୟତନ କରାଯାଉଥିବା ଏହି ଷ୍ଟେସନ୍‌ଟି ପୀକ୍ ଆୱରରେ ୫,୦୦୦ରୁ ଅଧିକ ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଉଛି, ଯାହା ଫଳରେ ଭିଡ଼ ସମୟ ଏବଂ ପର୍ବପର୍ବାଣୀ ଭିଡ଼ ସମୟରେ ମଧ୍ୟ ସୁଗମ ଏବଂ ବାଧାମୁକ୍ତ ଗତିବିଧି ସୁନିଶ୍ଚିତ ହେବ। ପୁନଃବିକାଶ ପ୍ରକଳ୍ପରେ ଅନ୍ତର୍ଭୁକ୍ତ ଅଛି ୧୨ ମିଟର ଓସାର ଫୁଟ ଓଭର ବ୍ରିଜର ନିର୍ମାଣ ଏବଂ ସମ୍ପ୍ରସାରଣ – ୬.୭୦ କୋଟି, ଦ୍ରୁତ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥାପନ –୮.୨୬ କୋଟି, ଷ୍ଟେସନ ବିଲ୍ଡିଂର ଦ୍ୱିତୀୟ ପ୍ରବେଶ ଦ୍ୱାରର ବିକାଶ ସହିତ ଏକ ନୂତନ ଏ+୨ ମୁଖ୍ୟ ଷ୍ଟେସନ ବିଲ୍ଡିଂର ନିର୍ମାଣ- ୯୩.୧୯ କୋଟି, ଭିଡ଼ ହ୍ରାସ କରିବା ପାଇଁ ପ୍ଲାଟଫର୍ମ ସମ୍ପ୍ରସାରଣ କାର୍ଯ୍ୟ , ଦୁଇ ଲେନ ବିଶିଷ୍ଟ ବସ୍ ଡ୍ରପ୍-ଅଫ୍ ଜୋନ୍ . ଭବିଷ୍ୟତର ପାର୍କିଂ ଏବଂ/କିମ୍ବା ବାଣିଜ୍ୟିକ ବିକାଶ ପାଇଁ ୧୩,୧୦୦ ବର୍ଗ ମିଟର ସ୍ଥାନର ବ୍ୟବସ୍ଥା , ମୋଟ କ୍ୟାନୋପି ଏରିଆ: ୧,୭୬୩ ବର୍ଗ ମିଟର ଏବଂ ରୁଫ ପ୍ଲାଜା ସୁବିଧା: ୧,୦୯୮ ବର୍ଗ ମିଟର। ଏହାସହ ୫୦୦ ରୁ ଅଧିକ ଯାତ୍ରୀଙ୍କ ପାଇଁ ବସିବା କ୍ଷମତା ସହିତ ଏକ ପ୍ରଶସ୍ତ ପ୍ରତୀକ୍ଷାଳୟ, ୦୮ ଟି ଟିକେଟିଂ ଓ୍ୱିଣ୍ଡୋର ବ୍ୟବସ୍ଥା, ଲିଫ୍ଟ ୧୬ଟି, ଏସ୍କାଲେଟର ୦୫ଟି, ଦିବ୍ୟାଙ୍ଗ-ଅନୁକୂଳ ଭିତିଭୂମି, ଭବିଷ୍ୟତ ଯାତାୟାତ ବୃଦ୍ଧିକୁ ଧ୍ୟାନରେ ରଖି ଉନ୍ନତ ପାର୍କିଂ ଏବଂ ଟ୍ରାଫିକ୍ ସଞ୍ଚାଳନ ବ୍ୟବସ୍ଥା ରହିଛି। ଦିନକୁ ପ୍ରାୟ ୧୬୨ଟି ଟ୍ରେନ୍‌ର ଚଳାଚଳ ସହ ଗଞ୍ଜାମ, କନ୍ଧମାଳ, ରାୟଗଡା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର ଯାତ୍ରୀମାନଙ୍କୁ ସେବା ଯୋଗାଇଥିବା ବ୍ରହ୍ମପୁର ରେଳ ଷ୍ଟେସନ ଦକ୍ଷିଣ ଓଡ଼ିଶାର ଆର୍ଥିକ ଓ ସାମାଜିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରୁଛି। ଏହି ପୁନଃବିକାଶ ପ୍ରକଳ୍ପ ଭିଡ଼ ହ୍ରାସ କରିବା, ସୁରକ୍ଷା ବୃଦ୍ଧି, ଯାତ୍ରୀ ସୁବିଧାରେ ଉନ୍ନତି ଆଣିବ ଏବଂ ଏକ ପ୍ରମୁଖ ବାଣିଜ୍ୟିକ ଏବଂ ପର୍ଯ୍ୟଟନ କେନ୍ଦ୍ର ଭାବରେ ସହରର ସ୍ଥିତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

# ଏସସି, ଏସଟି ବର୍ଗରେ କ୍ରିମିଲେୟାର

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଂରକ୍ଷଣ ସୁବିଧା ସୁଯୋଗରୁ କ୍ରିମିଲେୟାରଙ୍କୁ ବାଦ ଦେବା ନେଇ କେନ୍ଦ୍ର ସରକାରଙ୍କ ମତାମତ ଲୋଡିବା ପାଇଁ ସୁପ୍ରିମକୋର୍ଟଙ୍କ ନିଷ୍ପତି ଦେଶରେ ଦୀର୍ଘ କାଳ ଧରି ସ୍ଥଗିତ ରହିଥିବା ଏକ ବିର୍ତକକୁ ପୁଣି ଥରେ ଖୋଲିବା ଆଂଶଙ୍କାକୁ ଉଜ୍ଜୀବତ କରିଛି। ଉଲ୍ଲେଖଯୋଗ୍ୟ ଯେ, କିଛି ବର୍ଷ ତଳେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଂରକ୍ଷଣରୁ ସମ୍ପ୍ରଦାୟର ସ୍ୱଚ୍ଛଳ ବର୍ଗ ବା କ୍ରିମିଲେୟାର ମାନଙ୍କୁ ବାଦ ଦେବା ଦାବିରେ ଦାୟର ଏକ ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ କ୍ରିମିଲେୟାରମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବାଦ୍ ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଅଦାଲତଙ୍କ ରାୟକୁ ନେଇ ଦେଶବ୍ୟାପୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ଓ ବିଭିନ୍ନ ସଂଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଐତିହାସିକ ଜାତିଭିତିକ ବାଛବିଚାର ଓ ଅସ୍ପୃଶ୍ୟତାରୁ ପ୍ରତିକାର ବା ସମାଜରୁ ଏହି କଳଙ୍କକୁ ହଟାଇବା ପାଇଁ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସମ୍ବିଧାନ ପ୍ରଣୟନ ସଭା ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଥିଲେ। ଏହି ସଂରକ୍ଷଣ ବ୍ୟବସ୍ଥା ସେମାନଙ୍କ ଅର୍ଥନୈତିକ ଦୁରାବସ୍ଥା ପାଇଁ ଉଦ୍ଦିଷ୍ଟ ନଥିଲା। ଯେଉଁଥିପାଇଁ କି କ୍ରିମିଲେୟାର ନୀତି କେବଳ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ସଂରକ୍ଷଣ କ୍ଷେତ୍ରରେ ଲାଗୁ ହୋଇଥିବାବେଳେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଂରକ୍ଷଣରୁ ଏଥିରୁ ପୃଥକ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଓବିସି ସଂରକ୍ଷଣରୁ କ୍ରିମିଲେୟାର ବା ଆର୍ଥିକ ସ୍ୱଚ୍ଛଳବର୍ଗ, ଯେଉଁମାନଙ୍କର ବାର୍ଷିକ ଆୟ ୮ କୋଟି ଟଙ୍କାରୁ ଅଧିକ ସେମାନଙ୍କୁ ବାଦ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଶିକ୍ଷା, ନିଯୁକ୍ତି ଏବଂ ରାଜନୈତିକ କ୍ଷେତ୍ରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷଣ ରହିଛି। ଦେଶରେ ଦଶନ୍ଧି ଦଶନ୍ଧି ଧରି ରହିଆସିଥିବା ସଂରକ୍ଷଣ ବଳରେ ଏହି ବର୍ଗରେ ବହୁ ବିଧାୟକ ଓ ମନ୍ତ୍ରୀ ହୋଇଥିବାବେଳେ ନିଯୁକ୍ତି କ୍ଷେତ୍ରରେ ବହୁ ସର୍ବଭାରତୀୟ ସ୍ତରର ପ୍ରଶାସନିକ ଅଧିକାରୀ ହୋଇପାରିଥିବା ବହୁ ପଦସ୍ଥ ଅଧିକାରୀ ହୋଇପାରିଛନ୍ତି। ଶିକ୍ଷାନୁଷ୍ଠାନଗୁଡିକର ଅଗ୍ରାଧିକାର ଭିତିରେ ନାମଲେଖା ସହ ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି। ଅନୁସୂଚିତ ଜନଜାତି ପାଇଁ ୨୩.୫ ପ୍ରତିଶତ ଏବଂ ଅନୁସୂଚିତ ଜାତି ପାଇଁ ୧୫ ପ୍ରତିଶତ ସଂରକ୍ଷଣ ଥିବା ଯୋଗୁଁ ଏହି ବର୍ଗରେ ବହୁ ଉଚ୍ଚ ଆୟକାରୀ ବର୍ଗରେ ସାମିଲ ହୋଇପାରିଥିବାବେଳେ ବାଛବିଚାରରୁ ମଧ୍ୟ ମୁକ୍ତ ହୋଇପାରିଛନ୍ତି। ଏହା ସତ୍ୱେ ଏହି ଦୁଇ ବର୍ଗରେ ଏବେ ବି ଦୁଇ ତୃତୀୟାଂଶ ଅଧିକ ସମାଜରେ ବାଛବିଚାରର ସମ୍ମୁଖୀନ ହେଉଥିବାବେଳେ ସଂରକ୍ଷଣର କୌଣସି ସୁବିଧା ସୁଯୋଗ ସେମାନଙ୍କୁ ଉପରକୁ ଉଠାଇ ପାରିନାହିଁ କିମ୍ବା ସାମାଜିକ ମହାସ୍ରୋତରେ ସାମିଲ କରିପାରିନାହିଁ। ଏହା ନିସନ୍ଦେହ ଯେ, ସଂରକ୍ଷଣ ଉଭୟ ଅନୁସୂଚିତ ଜାତି ଓ ଜନଜାତିରେ ଶ୍ରେଣୀ ବିଭାଗ ସୃଷ୍ଟି କରିଥିବା ଅଭିଯୋଗକୁ ଅସ୍ୱୀକାର କରାଯାଇନପାରେ। ଦଳେ ସମସ୍ତ ସୁବିଧା ହାତେଇ ନେଇ ଥିବାବେଳେ ଅନ୍ୟ ଦଳଟି ଯେଉଁ ତିମିରେକୁ ଦେଇ ତିମରେ ମଧ୍ୟରେ ରହିବା ସାର ହେଉଛି। ବର୍ଗର ସବୁଠୁ ନିମ୍ନ ସ୍ତରରେ ରହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ବିକାଶ ସେମାନଙ୍କ ପାଇଁ ଅପହଂଚ। ଏହି ସମ୍ପ୍ରଦାୟର ସବୁଠୁ ନିମ୍ନ ସ୍ତରରେ ଲୋକଙ୍କୁ ଉପକରୁ ଉଠାଇବା ଲାଗି ସେମାନଙ୍କ ମଧ୍ୟରେ ଥିବା କ୍ରିମିଲେୟାରଙ୍କୁ ଏଥିରୁ ବାଦ୍ ଦେବା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କିନ୍ତୁ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ସଂରକ୍ଷଣରେ କ୍ରିମିଲେୟାର ନେଇ ସମ୍ବିଧାନ କିଛି ଉଲ୍ଲେଖ ନାହିଁ। ତେବେ ପ୍ରଶ୍ନ ଉଠୁଛି, ଯେଉଁମାନଙ୍କ ପାଇଁ ସଂରକ୍ଷଣ ସୁବିଧା ସୁଯୋଗ ଜରୁରୀ ଆବଶ୍ୟକତା ରହିଛି, ତାହାକୁ କିପରି ସୁନିଶ୍ଚିତ କରାଯାଇପାରିବ ? ଏହା ନିଶ୍ଚିତ ଯେ, ଏହି ବର୍ଗରେ କେବଳ ଆୟ, ପ୍ରତିପତିଙ୍କୁ ବିଚାରକୁ ନିଆଯାଇନପାରେ, ନୀତିର ଲକ୍ଷ୍ୟ, ସାଧିତ ହେବା ଏକାନ୍ତ ଆବଶ୍ୟକ। ଏ ନେଇ ସୁପ୍ରିମକୋର୍ଟ ନେଇଥିବା ନିଷ୍ପତି ଉପରେ କେନ୍ଦ୍ର ସରକାରଙ୍କ ମତାମତ ଗୁରୁତ୍ୱ ବହନ କରେ। ତେବେ ଏ ସମ୍ପର୍କରେ ବିତର୍କ ନକରି ସୁଚିନ୍ତିତ ନିଷ୍ପତି ନେବାର ସମୟ ଏବେ ଆସିଛି।

# ଭାରତ-ଇୟୁ ଆର୍ଥିକ ବୁଝାମଣା ଓ ଭବିଷ୍ୟତର ରାସ୍ତା

**ଡ. ସମନ୍ୱୟ ନନ୍ଦ**

> “ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା ନେଇ ପ୍ରୟାସ କିଛି ନୂଆ ନୁହେଁ । ୨୦୦୭ ମସିହାରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା କରିବାକୁ ନେଇ ପ୍ରୟାସ କରାଯାଇଥିଲା । ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଓ ପୁଂଜି ବିନିଯୋଗକୁ ନେଇ ବିଭିନ୍ନ ପର୍ଯ୍ୟାୟରେ କଥାବାର୍ତା ଚାଲିଥିଲା । ହେଲେ ସେତେବେଳେ ଉଭୟ ପକ୍ଷଙ୍କ ପ୍ରାଥମିକତାରେ ଗଭୀର ପ୍ରଭେଦ ଥିଲା । ତେଣୁ ଏହି କଥାବାର୍ତା ୨୦୧୩ ମସିହା ବେଳକୁ ବିଫଳ ହୋଇ ଯାଇଥିଲା ଓ ଏହା ହୋଇ ପାରି ନ ଥିଲା । ମୁଖ୍ୟ ରୂପେ ସେତେବେଳେ ୟୁରୋପୀୟ ସଂଘର ଦେଶ ମାନେ ସେମାନଙ୍କର ଉତ୍ପାଦ ଭାରତୀୟ ବଜାରରେ ସୁବିଧାରେ ପହଂଚାଇବା ପାଇଁ ବିଭିନ୍ନ ତର୍କ ରଖିଥିଲେ । ଭାରତ ମଧ୍ୟ ସେତେବେଳେ ତାର ଶ୍ରମ ଶକ୍ତିର ବ୍ୟବହାର କିଭଳି ୟୁରୋପୀୟ ଦେଶ ମାନଙ୍କରେ କିଭଳି କରାଯାଇ ପାରିବ ସେ ନେଇ ଦାବି ରଖିଥିଲା । ଆହୁରି ଅନେକ ବିଷୟ ମଧ୍ୟ ଥିଲା । ହେଲେ ପ୍ରାଥମିକତାରେ ପାର୍ଥକ୍ୟ କାରଣରୁ ସେତେବେଳର କଥାବାର୍ତା ବିଫଳ ହୋଇଥିଲା।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଆର୍ଥିକ ବିଷୟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସମ୍ପନ୍ନ ହୋଇଛି । ଏହାକୁ ମଦର ଅଫ ଅଲ ଡିଲ୍ସ ବୋଲି କୁହାଯାଉଛି । ଏହି ବାଣିଜ୍ୟ ଓ ପୁଂଜିବିନିଯୋଗ ବୁଝାମଣା ଏଭଳି ସମୟରେ ଆସିଛି ଯେତେବେଳେ ବୈଶ୍ୱିକ ବ୍ୟବସ୍ଥାରେ ଅସ୍ଥିରତା, ଭୂ ରାଜନୀତିରେ ଧୃବୀକରଣ ଓ ଆର୍ଥିକ ଅନିଶ୍ଚିତତା ଦେଖିବାକୁ ମିଳୁଛି । ଏହି ବୁଝାମଣା ଦ୍ୱାରା ଭାରତ ଓ ୟୁରୋପୀୟ ସଂଘ ଉଭୟଙ୍କୁ ଲାଭ ହେବ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ବିଶ୍ୱର କିଛି ମାତ୍ରାରେ ନିଶ୍ଚିତତା ଦେଖିବାକୁ ମିଳିବାର ସମ୍ଭାବନା ରହିଛି ।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା ନେଇ ପ୍ରୟାସ କିଛି ନୂଆ ନୁହେଁ । ୨୦୦୭ ମସିହାରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା କରିବାକୁ ନେଇ ପ୍ରୟାସ କରାଯାଇଥିଲା । ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଓ ପୁଂଜି ବିନିଯୋଗକୁ ନେଇ ବିଭିନ୍ନ ପର୍ଯ୍ୟାୟରେ କଥାବାର୍ତା ଚାଲିଥିଲା । ହେଲେ ସେତେବେଳେ ଉଭୟ ପକ୍ଷଙ୍କ ପ୍ରାଥମିକତାରେ ଗଭୀର ପ୍ରଭେଦ ଥିଲା । ତେଣୁ ଏହି କଥାବାର୍ତା ୨୦୧୩ ମସିହା ବେଳକୁ ବିଫଳ ହୋଇ ଯାଇଥିଲା ଓ ଏହା ହୋଇ ପାରି ନ ଥିଲା ।

ମୁଖ୍ୟ ରୂପେ ସେତେବେଳେ ୟୁରୋପୀୟ ସଂଘର ଦେଶ ମାନେ ସେମାନଙ୍କର ଉତ୍ପାଦ ଭାରତୀୟ ବଜାରରେ ସୁବିଧାରେ ପହଂଚାଇବା ପାଇଁ ବିଭିନ୍ନ ତର୍କ ରଖିଥିଲେ । ଭାରତ ମଧ୍ୟ ସେତେବେଳେ ତାର ଶ୍ରମ ଶକ୍ତିର ବ୍ୟବହାର କିଭଳି ୟୁରୋପୀୟ ଦେଶ ମାନଙ୍କରେ କିଭଳି କରାଯାଇ ପାରିବ ସେ ନେଇ ଦାବି ରଖିଥିଲା । ଆହୁରି ଅନେକ ବିଷୟ ମଧ୍ୟ ଥିଲା । ହେଲେ ପ୍ରାଥମିକତାରେ ପାର୍ଥକ୍ୟ କାରଣରୁ ସେତେବେଳର କଥାବାର୍ତା ବିଫଳ ହୋଇଥିଲା ।

ଏବେ ୨୦୨୨ ମସିହାରେ ଏହି ପ୍ରକ୍ରିୟା ପୁଣିଥରେ ଆରମ୍ଭ ହୋଇଥିଲା ତେବେ ଚଳିତ ଥର କଥାବାର୍ତା ଆରମ୍ଭ ହେଲା ବେଳେ ପରିସ୍ଥିତି ବଦଳି ସାରିଥିଲା । ଏଥର ଏହି ଆଲୋଚନା ବେଳେ କେବଳ ଆର୍ଥିକ ବିଷୟରେ ନିଜର ତର୍କ ନ ଥିଲା ବରଂ ପରିବର୍ତିତ ବୈଶ୍ୱିକ ରାଜନୀତିର ବାଧ୍ୟବାଧକତା ମଧ୍ୟ ଥିଲା ।

ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି କାର୍ଯ୍ୟକାଳ ଆରମ୍ଭ ହେବା ପରେ ସାରା ବିଶ୍ୱରେ ଏକ ଭିନ୍ନ ପ୍ରକାରର ପରିସ୍ଥିତି ଉତ୍ପନ୍ନ ହୋଇଛି । ଅନେକ ଦେଶ ମାନଙ୍କ ମଧ୍ୟରେ ଏହି ଭାବନା ଦେଖିବାକୁ ମିଳିଛି ଯେ କଣ ଆମେରିକାକୁ ବିଶ୍ୱାସ କରାଯାଇ ନ ପାରେ । ଏହି ଭାବନାରେ ଆମେରିକାର ସହଯୋଗୀ ବୋଲି ଧରା ଯାଇଆସୁଥିବା ୟୁରୋପୀୟ ଦେଶ ମାନେ ମଧ୍ୟ ଅଛନ୍ତି । ଉଦାହରଣ ସ୍ୱରୁପ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗକୁ ନିଆଯାଇ ପାରେ । ଟ୍ରମ୍ପଙ୍କ ଏତାଦୃଶ ବ୍ୟବହାର କାରଣରୁ ୟୁରୋପୀୟ ୟୁନିୟନର ବିଭିନ୍ନ ଦେଶ ମାନଙ୍କ ମନରେ ଅବିଶ୍ୱାସର ବାତାବରଣ ତିଆରି ହୋଇଛି । ସେମାନେ ବୁଝି ପାରୁଛନ୍ତି ଯେ ଯଦି ଏଭଳି ପରିସ୍ଥିତିରୁ ନିଜକୁ ସେମାନେ ବାହାର ନ କରିବେ ତେବେ ଆଗାମୀ ଦିନରେ ତାଙ୍କର ସ୍ଥିତି ଖରାପ ହୋଇ ପାରେ । ଆମେରିକା ସାରା ବିଶ୍ୱରେ ଟାରିଫ ନାମରେ ବୈଶ୍ୱିକ ସ୍ତରରେ ଏକ ପ୍ରକାର ବିଶୃଙ୍ଖଳା କରୁଥିବା ଦେଖିବାକୁ ମିଳୁଛି । ତେଣୁ ଏହାର ପ୍ରତିକାର ସ୍ୱରୂପ ବିଶ୍ୱରେ ରି- ଆଲାଇନମେଂଟ ହେବା ସ୍ୱାଭବିକ ଥିଲା । ତେଣୁ ଭାରତ – ଇୟୁ ମଧ୍ୟରେ ହୋଇଥିବା ଏହି ଚୁକ୍ତି ଏହି ରିଆଲାଇନମେଂଟର ଆରମ୍ଭ ମାତ୍ର । ରିଆଲାଇନମେଂଟ ସମ୍ପୂର୍ଣ୍ଣ ହୋଇଗଲା ବୋଲି କହିବା ଅତିଶୟୋକ୍ତି ହେବ । ତେବେ ଏହା ଆରମ୍ଭ ହୋଇଯାଇଛି ବୋଲି ଆମେ କହି ପାରିବା ।

ଅନ୍ୟ ପକ୍ଷରେ ୟୁରୋପୀୟ ସଂଘ ଆଜି ଚୀନ ଉପରେ ଅତ୍ୟଧିକ ନିର୍ଭରତାକୁ ନେଇ ଖୁବ ଅସହଜ ରହିଛି । ରୁଷ- ୟୁକ୍ରେନ ଯୁଦ୍ଧ କାରଣରୁ ୟୁରୋପୀୟ ସଂଘର ଉର୍ଜା ସୁରକ୍ଷା ଓ ରଣନୈତିକ ସ୍ୱାୟତତାକୁ ନେଇ ମଧ୍ୟ ବଡ ପ୍ରଶ୍ନ ଠିଆ ହୋଇଛି । ଏଭଳି ପରିସ୍ଥିତିରେ ଭାରତ ଏକ ବଡ ବଜାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଉଦୀୟମାନ ଆର୍ଥିକ ଶକ୍ତି ଭାବେ ପରିଗଣିତ ହେଉଥିବା କାରଣରୁ ଇୟୁ ପାଇଁ ଏକ ସ୍ୱାଭବିକ ବିକଳ୍ପ ଥିଲା । ଅପର ପକ୍ଷରେ ଭାରତ ମଧ୍ୟ ନିଜର ମଲ୍ଟି ଆଲାଇନମେଂଟ ନୀତି ଆପଣାଉଛି । ଏହି ନୀତି ଅନୁଯାୟୀ ଭାରତ କୌଣସି ଗୋଟିଏ ଶକ୍ତି ସହ ବାନ୍ଧି ନ ହୋଇ ସମସ୍ତଙ୍କ ସହ ମଜବୁତ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛି ।

କେବଳ ସେତିକି ନୁହେଁ ଗତ କୋଭିଡ ସମୟରେ ଚୀନ ଯେଭଳି ଭାବେ ଗ୍ଲୋବାଲ ସପ୍ଲାୟ ଚେନ୍ କୁ ବାଧା ପହଂଚାଇଥିଲା ଓ ଅନ୍ୟ ଦେଶ ମାନଙ୍କୁ ହଇରାଣ କରିଥିଲା ତାକୁ ମଧ୍ୟ ଏହି ଦେଶ ମାନେ ଭଲ ଭାବେ ଦେଖିଛନ୍ତି ଓ କଷ୍ଟକୁ ଅନୁଭବ କରିଛନ୍ତି । ତେଣୁ ଆମେରିକା ସହିତ ଚୀନ ସହିତ ମଧ୍ୟ ସେମାନଙ୍କର ନିର୍ଭରତାକୁ କମ କରିବାକୁ ହେବ ବୋଲି ସେମାନେ ଚିନ୍ତା କରିଛନ୍ତି । ୟୁରୋପୀୟ ଦେଶ ମାନେ ଭଲ ଭାବେ ବୁଝି ପାରିଛନ୍ତି ଯେ ସେମାନଙ୍କୁ ବିକଳ୍ପ ଆବଶ୍ୟକ । ତେବେ ଏପରି ବିକଳ୍ପ ସେମାନେ କେଉଁଠି ପାଇବେ । ଏଭଳି କେଉଁ ଦେଶ ରହିଛି ଯେଉଁଥିରେ ବଡ ବଜାର ଥିବ ଯେଉଁଥିରେ ସେମାନେ ନିଜର ବସ୍ତୁ ଓ ସାମଗ୍ରୀ ବିକ୍ରୀ କରି ପାରିବେ ।

ଭାରତ ପାଇଁ ଏହି ବୁଝାମଣା ଅନେକ ସ୍ତରରେ ନିର୍ଣାୟକ ବୋଲି ପ୍ରମାଣିତ ହୋଇ ପାରେ । ପ୍ରଥମ ରପ୍ତାନୀରେ ବୃଦ୍ଧି ହୋଇ ପାରେ । ଟେକ୍ସଟାଇଲ, ରେଡିମେଡ ବସ୍ତ୍ର, ଫାର୍ମାସୁଟିକାଲ, ଇଂଜିନିୟରିଂ ଉତ୍ପାଦ ଓ ସୂଚନା ପ୍ରଯୁକ୍ତି ସେବାକୁ ୟୁରୋପୀୟ ବଜାରରେ ପ୍ରତିଯୋଗିତାରେ ଲାଭ ମିଳିବ । ଦ୍ୱିତୀୟ ହେଲା ଯେ ପୁଂଜି ବିନିଯୋଗରେ ପ୍ରବାହ ବଢିବ । ୟୁରୋପୀୟ ୟୁନିୟନର କମ୍ପାନୀ ଗୁଡିକ ଭାରତରେ ମାନୁଫାକ୍ଚରିଂଗ , ଅଟୋମୋବାଇଲ କ୍ଷେତ୍ର, ନବୀକରଣ ଯୋଗ୍ୟ ଉର୍ଜା, ଡିଜିଟାଲ ଇନଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ବଡ ପୁଂଜି ନିବେଶ କରି ପାରନ୍ତି । ତୃତୀୟ କଥା ହେଲା ଯେ ମେକ ଇନ ଇଂଡିଆ ଓ ଆତ୍ମ ନିର୍ଭର ଭାରତକୁ ବୈଶ୍ୱିକ ସପ୍ଲାୟ ଚେନ ସହ ଯୋଡିବାର ସୁଯୋଗ ମିଳିବ । ଏହା ଦ୍ୱାରା ଭାରତ କେବଳ ଉପଭୋକ୍ତା ନୁହେଁ ଉତ୍ପାଦନର କେନ୍ଦ୍ର ମଧ୍ୟ ହେବ ।

କିନ୍ତୁ ପ୍ରତ୍ୟେକ ସୁଯୋଗ ନିଜ ସହିତ ବିପଦ ମଧ୍ୟ ଆଣିଥାଏ । ୟୁରୋପୀୟ ସଂଘର କଠୋର ଶ୍ରମ, ପରିବେଶ ଓ ଡାଟା ସଂରକ୍ଷଣର ମାନକ ଭାରତ ପାଇଁ ନିଶ୍ଚିତ ଭାବେ ଏକ ଆହ୍ୱାନ ରହିବ । ମୁକ୍ତ ବାଣିଜ୍ୟ ନାମରେ ଘରୋଇ କୃଷି, ଡାୟରୀ ଉତ୍ପାଦ ଓ ଛୋଟ ଶିଳ୍ପ ଗୁଡିକୁ ଭାରତକୁ ସଂରକ୍ଷଣ ଦେବାକୁ ପଡିବ । ଏହି କ୍ଷେତ୍ର ଗୁଡିକ ଉପରେ ନିଶ୍ଚିତ ଭାବେ ଚାପ ରହିବ । ତେଣୁ ଏଭଳି ସନ୍ତୁଳନ ସ୍ଥାପିତ କରିବା ସେତେ ସହଜ ମଧ୍ୟ ହେବ ନାହିଁ ।

ତେବେ ଏଇ ବୁଝାମଣା ଦ୍ୱାରା ଉଭୟ ଭାରତ ଓ ୟୁରୋପୀୟ ୟୁନିୟନକୁ ନିଶ୍ଚିତ ଭାବେ ଲାଭ ହେବ । ତେବେ ଆମେରିକାକୁ ଏହି ବୁଝାମଣା କଷ୍ଟ ପହଂଚାଇଛି । ଆମେରିକାରୁ ଯେଭଳି ଭାବେ ପ୍ରତିକ୍ରିୟା ଆସିଛି ସେଥିରୁ ଏହା ଦ୍ୱାରା ଆମେରିକାକୁ ନିଶ୍ଚିତ ଭାବେ କ୍ଷତି ହେବ ଏହା ସ୍ପଷ୍ଟ ଅନୁମାନ କରାଯାଇ ପାରିବ ।

ରାଷ୍ଟ୍ରପତି ଟ୍ରମ୍ପ ଯଦିଓ ନିଜେ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି ତେବେ ତାଙ୍କ ପ୍ରଶାସନର ଶୀର୍ଷ ଅଧିକାରୀ ସ୍କଟ ବେସେଂଟ ଏହି ଡିଲକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ଏହାକୁ ନେଇ ୟୁରୋପୀୟ ୟୁନିୟନ ଉପରେ ବର୍ଷିଛନ୍ତି । ଟ୍ରମ୍ପଙ୍କ ଦଳର ଜଣେ ସାଂସଦ କହିଛନ୍ତି ଯେ ଏହି ଡିଲ ଦ୍ୱାରା ଭାରତକୁ ଲାଭ ହେବାକୁ ଯାଉଛି । ଆମେରିକାର ପ୍ରତିକ୍ରିୟା ହିଁ ସ୍ପଷ୍ଟ କରୁଛି ଯେ ଏହି ବୁଝାମଣାରୁ କାହାକୁ ଲାଭ ହେବାକୁ ଯାଉଛି ।

# ଉଡିଗଲେ ଗେଣ୍ଡାଳିଆ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଗେଣ୍ଡାଳିଆ ଏକ ପକ୍ଷୀ, ସବୁ ପକ୍ଷୀଙ୍କ ପରି ତାଙ୍କର ସ୍ୱାଧୀନତା ଅଛି ସେ ବିନା ଭିସା ବିନା ପାସପୋର୍ଟରେ ଆକାଶରେ ଯାଇପାରନ୍ତି, କୌଣସି ରାଜ ଆଦେଶ ବା ଟ୍ରେସପାସ ତାଙ୍କ ପାଇଁ ଆକାଶ ଉଡିବା ପାଇଁ ସେମାନେ ଖୋଜନ୍ତି ନାହିଁ। ସବୁ ପକ୍ଷୀଙ୍କର ରାଜା ପକ୍ଷୀରାଜ ଗରୁଡ଼, ସେ ବିଶ୍ୱନିୟନ୍ତା ଭଗବାନ ବିଷ୍ଣୁଙ୍କ ବାହାନ, ଅତଏବ ସେ ହିଁ ପକ୍ଷୀରାଜ ସବୁ ପକ୍ଷୀ ମାନଙ୍କୁ ଅଭୟ ଦେଇଛନ୍ତି। ବିଚରଣ କର ଉଡ, ଯେ ଯାହା ଆହାର ସଂଗ୍ରହ କର, କିନ୍ତୁ ଏକଗୋଷ୍ଠୀ ସହ କଳିଲିପ୍ତ ହୁଅନାହିଁ। ଏହା ତୁମ ମାନଙ୍କ ରାଜାର ଆଦେଶ, ବିନତି ଗୁଣ ସମ୍ପନ୍ନା, ବିନତା ମାଆର ପୁତ୍ର ଗରୁଡ଼ଙ୍କ ଆଦେଶ। ଗେଣ୍ଡାଳିଆଙ୍କୁ ବଞ୍ଚିବା ପାଇଁ ଗେଣ୍ଡା ଦରକାର, ଧାନ ଚାଷ କ୍ଷେତ୍ରରେ ଗେଣ୍ଡା ବର୍ଷାଦିନେ ବଂଶ ବିସ୍ତା କରି ବଢ଼ନ୍ତି, ପୋଖରୀ ନାଳ ଆଦିଜଳାଧାରରେ ତତସମୟରେ ଗେଣ୍ଡା ପ୍ରଚୁର ଦେଖାଯାନ୍ତି ଜଳ ଶୁଷ୍କ ପରେ ପଦାରେ ପଡ଼ି ଦେଖାଯିବ ଗେଣ୍ଡାଙ୍କୁ ଗେଣ୍ଡାଳିଆ ଖାଇ ଥାନ୍ତି। ମାନବ ସଂସ୍କୃତିରେ ଓଡ଼ିଆ ପରମ୍ପରାରେ ଗେଣ୍ଡାଙ୍କ ପାଇଁ ଏକ ଭୋଜନ ଦେବା ପରମ୍ପରା ବି ଅଛି। ଚିତାଲାଗି ଅମାବାସ୍ୟା ଯାହା ବର୍ଷା ଦିନେ ଶ୍ରାବଣ ମାସରେ ପଡ଼େ, ଏହିଦିନ ଚିତ୍ତଉ ପିଠାର ଏକ ପର୍ବ। ଏହା ସ୍ଥାନୀୟ ସନ୍ନିକଟ ଜଳାଧାରରେ ପିଠାକୁ ଘରର ପିଲାମାନଙ୍କ ଦ୍ୱାରା ଜଳରେ ପକାଇ ଗେଣ୍ଡାଙ୍କ ଉଦ୍ଦେଶ୍ୟ କହିବାକୁ କୁହାଯାଇଥାଏ ହେ ଗେଣ୍ଡାମାନେ ମୋ ବାପା ଭାଇ ଭଉଣୀଙ୍କୁ ମୋତେ କାମୁଡ଼ିବ ନାହିଁ।

ମୁଁ ତୁମ ମାନଙ୍କୁ ଆମ ଘର ପ୍ରସ୍ତୁତ ପିଠା ଅର୍ପଣ କରୁଛି, ଏହି ଥାଟି କୁସଂସ୍କାରରେ ଆସିପାରେ କିନ୍ତୁ ଥିଲା ଏକ ପରମ୍ପରା। ସିମେଣ୍ଟ ବ୍ୟବହାରର ପୂର୍ବରୁ ଯେଉଁ ଚୁନ ବ୍ୟବହାରରେ ଘର ହେଉଥିଲା ସେ ଚୁନ ଗେଣ୍ଡାଶାମୁକା ପୋଡ଼ା ଯାଇ ପ୍ରସ୍ତୁତ କରାଯାଉଥିଲା। ପଥର, ଚୁନ ସନ୍ଧାନ ପରେ ଏହା କମିଗଲା। ପରେ ପରେ ପଥର ଚୁନ ସଂଯୋଗରୁ ସିମେଣ୍ଟ ଆସିଗଲା। ସହଜରେ ଘର ନିର୍ମାଣ ହେଲା। ଗେଣ୍ଡାର ମାଂସ ଅନେକ ଲେଶକ ଆଗେ ଭକ୍ଷକ ଥିଲେ। ଏହା ଏକ ଜାନ୍ତବ ପୁଷ୍ଟିସାର, ବହୁ ଶ୍ରମିକ ଶ୍ରେଣୀର ନିମ୍ନ ଆୟକାରୀ ଲୋକ ଏହାକୁ ଭୋଜନ କରୁଥିଲେ। ଗେଣ୍ଡାଳିଆ ଗେଣ୍ଡା ଖୋଳକୁ ଥଣ୍ଟରେ ଫଟାଇ କେବଳ ମାଂସ ଅଂଶ ଖାଉଥାନ୍ତି। ଏବେ ଏହି ପକ୍ଷୀ ଦୁର୍ଲଭ, ଖାଲି ଏହିପକ୍ଷୀ ନୁହଁନ୍ତି, ପାଣିକୁଆ, ଚିଲ, ଶାଗୁଣା, କୁଆ, କୁଣ୍ଡାଖାଇ ବଣି, କୁମ୍ଭାଟୁଆ, କଜଳପାତି ବଗଙ୍କ ପରି ଅନେକ ସଂଖ୍ୟାଲଘୁ ହେଲେଣି ବା ହଜିଗଲେଣି। ବାଦୁଡ଼ି ଗହନ, ବଗ ଗହନ, କାକ ଗହନ, ପକ୍ଷୀ ମାନଙ୍କର କିଚିର ମିଚିରି ସ୍ୱର କାକଳି ଆଉ ଶୁଣାଯାଉନାହିଁ। ଜନପଦ ସବୁ ପୂର୍ବେ ଏକ ଚିଡ଼ିଆଖାନା ମଧ୍ୟରେ ଥିଲାପରି ବୋଧ ହେଉଥିଲା, କିନ୍ତୁ ହାୟ କିଥିଲା ଏ ରାଜ୍ୟ କି ହୋଇଛି ଆଜ। ରାଜଝିଅ ଅଲ୍ୟଳି, ତା ମନରେ ଅନେକ ସ୍ୱପ୍ନ ତାର ଯୁବକ ବର ପକ୍ଷୀରାଜ ଘୋଡ଼ାରେ ଆସି ତାକୁ ବିବାହକାରୀ ସାଥିରେ ନେଇଯିବ ସେ ମହାରାଣୀ ହେବ, କିନ୍ତୁ ତାର ବାବୁଙ୍କ ଏକ ବୁଢ଼ାରଜା ତାର ଅନେକ ସେନା ନେଇ ଆକ୍ରମଣ କରି ପରାସ୍ତ କରିଛି। ସେ ତାର ଯୁଦ୍ଧରେ ଜିତିବା ପଣ ନେଲେ ସାଲିଶ କରିବ। ଏଥିରେ କନ୍ୟା ସୁନା ହାତୀଘୋଡ଼ା ଭୂମି ନେବ, ଏ ପାଳିରେ ରାଜଜେମା ହିଁ ବଳିର ବକ୍ରା। ଏଇଠି ରାଜଝିଅ କାନ୍ଦୁଛି ଆକାଶକୁ ଅନାଇ ଗେଣ୍ଡାଳିଆଙ୍କ ଉଡାଣକୁ ଚାହିଁ, ଦେଖୁଛି, ପକ୍ଷୀ ଗଣ ପରି ଝାଡ଼ି କହୁଛନ୍ତି ରେଜେମା ଆଉ ଉପାୟ ନାହିଁ। ଆମର କବିମାନେ ହଂସ ଦୂତ, ମେଘଦୂତ ପ୍ରେମୀଯୁଗଳଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଥିଲେ। ମାଳ୍ୟାଣୀ, ଧୋବଣୀ, ବାରିକିଆଣି ଏମାନେ ଦୂତି କାମ କରୁଥିଲେ, ପରେ ବେରିଙ୍ଗ ଚିଠି, ପରି ଡାକ ବ୍ୟବସ୍ଥା ଏବେ ସବୁ ତମାଦୀ, ଏହି ମୋବାଇଲ ଫୋନ ଏ ସମସ୍ତଙ୍କ ଦୂତ, ଦୂତୀ।

ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଜୀବନ ପରୀକ୍ଷାର ଆନନ୍ଦମୟ ଆହ୍ୱାନ

## ‘ବିଦ୍ୟା ଅଟଇ ମହାମିତ, ସେ ସଙ୍ଗେ ହୁଅ ହେ ପବିତ୍ର।’

**ଡକ୍ଟର ସୁରେଶ କୁମାର ନାୟକ**

ପିଲାମାନେ, ତୁମେ ମାନେ ମାଟ୍ରିକ ପରୀକ୍ଷାକୁ ନେଇ ଚିନ୍ତିତ ହେଉଛ କି ? ମନେରଖିଥାଅ ଜୀବନ ଏକ ପରୀକ୍ଷା। ଜୀବନର ପ୍ରତିଟି ମୁହୂର୍ତ୍ତ ଭିତରେ ଆମେ ଦୈବ ଓ କର୍ମର ପରୀକ୍ଷାକୁ ସାମ୍ନା କରିଥାଉ। ମଣିଷର ଜୀବନ ସମ୍ପର୍ଣ୍ଣ ଧରାବନ୍ଧା ପରୀକ୍ଷା ଭିତରେ ଆବଦ୍ଧ। କିଏ ଉତ୍ତୀର୍ଣ୍ଣ ହୋଇଯାଉଛି, କିଏ ଉତ୍ତୀର୍ଣ୍ଣ ହେବା ପାଇଁ ସମୟ ନେଉଛି। କିନ୍ତୁ ଜୀବନଚକ୍ରର ପରୀକ୍ଷାରେ ସମସ୍ତେ ଅତିକ୍ରମ କରି ସଫଳତା ପାଉଛନ୍ତି। ଯେଉଁମାନେ ବିଫଳତା ବୋଲି କିଛି ଭାବୁଛନ୍ତି ତାହା ପ୍ରକୃତରେ ଅସଫଳତା ନୁହେଁ ତାହା ହେଉଛି ଏକ ଆହ୍ୱାନଭରା ପରୀକ୍ଷା। ଶିକ୍ଷା ବିଭାଗ ପରିଚାଳିତ ମାଟ୍ରିକ ପରୀକ୍ଷା ଆଉ ଅଳ୍ପ ଦିନ ରହିଥିବାବେଳେ ଏହି ପରୀକ୍ଷାକୁ ନେଇ ପିଲାମାନଙ୍କ ଭିତରେ ଅନେକ ଦ୍ୱନ୍ଦ, ଅହେତୁକ ଭୟ ଓ ଚାପ ମଧ୍ୟ ଆସିଥାଏ। ନିଜ ପାଠ୍ୟ ପ୍ରସ୍ତୁତିକୁ ନେଇ ଚାପ, ଅଭିଭାବକମାନଙ୍କ ଚାପ ଆଉ ବିଦ୍ୟାଳୟର ଚାପ ଏ ସବୁ ଭିତରେ ସହପାଠୀ ମାନଙ୍କ ଏକ ଚାପକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। ତୁମେ ସମସ୍ତେ ହେଉଛ ଜୀବନ ପରୀକ୍ଷାର ଜଣେ ଜଣେ ସଫଳ ଓ ଉତ୍ତୀର୍ଣ୍ଣ ତଥା ଉଜ୍ଜ୍ୱଳତମ ତାରକା ଏହାକୁ କେବେ ଭୁଲିଯାଅ ନାହିଁ। ଚାପମୁକ୍ତ ଜୀବନ ହେଉଛି ପଶୁପକ୍ଷୀ ମାନଙ୍କର। ଆମ୍ଭେମାନେ ଦିବ୍ୟ ମଣିଷ ଜୀବନ ପାଇଛେ ଚାପକୁ ସହ୍ୟ କରିପାରିବା ପାଇଁ। ତେଣୁ ଜୀବନ ପରୀକ୍ଷାକୁ ଏକ ଆନନ୍ଦମୟ ମୁହୂର୍ତ୍ତ ଓ ଖୁସିର ଉତ୍ତୀର୍ଣ୍ଣ ପାର୍ବଣ ବୋଲି ଗ୍ରହଣ କର। ତୁମ ବାପା-ମାଆ, ତୁମକୁ ମାର୍ଗ ଦେଖାଉଥିବା ଯେ କେହି ବି ହୁଅନ୍ତୁ, ତୁମ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ତୁମ ଟ୍ୟୁସନ ବା କୋଚିଂର ସାର ଏପରିକି ତୁମ ସହପାଠିନୀମାନେ ମଧ୍ୟ ତୁମ ପାଇଁ ଉତ୍ତମ ସୁମାର୍ଗ ଦର୍ଶକ।



ସର୍ବପ୍ରଥମେ ଏହାକୁ ଏକ ଆହ୍ୱାନଭରା, କଷ୍ଟକର ଏବଂ ଗଣିତ ପାଠ ପରି ଅବୁଝା ମାନସାଙ୍କ ଭାବନା। ତୁମେ ବର୍ଷ ସାରା ଯେଉଁ ବହିପତ୍ରର ଅଙ୍କାବଙ୍କା ଅକ୍ଷର ସହିତ ଓ ଘଟଣା ସହିତ ଜଡ଼ିତ ରହିଛ ତାହା କ’ଣ ତୁମ ପାଇଁ ଅବୁଝା ? ଦୁର୍ବୋଧ ? ତାହା କ’ଣ ତୁମ ପାଇଁ କେବେ ଆହ୍ୱାନ ସୃଷ୍ଟି କରିବ ? କାରଣ ଗୋଟିଏ ପାଠପଢ଼ାର ବହିର ଅକ୍ଷର ଗୁଡ଼ିକ କେବଳ ପରୀକ୍ଷା ପାଇଁ ନୁହେଁ ଏହା ତୁମ ଜୀବନର ଅତି ମୂଲ୍ୟବାନ ଓ ସ୍ମରଣୀୟ ଧାଡ଼ି ଗୁଡ଼ିକ। ତେଣୁ ଏ ସବୁକୁ ପରୀକ୍ଷାର ଜିନିଷ ବୋଲି ଆଦୌ ବିଚାର କରନାହିଁ। ବେଶ ଖୁସି ଓ ଆନନ୍ଦର ସହିତ ପରୀକ୍ଷାର ଦିନକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ରୁହ। ପରୀକ୍ଷା କେବଳ ନମ୍ବର ପାଇଁ ନୁହେଁ କିମ୍ବା ପରୀକ୍ଷାକୁ ଏକ ଚାପଗ୍ରସ୍ତ ସମସ୍ୟା ବହୁଳ ଜୀବନ ଅଧ୍ୟାୟ ବୋଲି ଭାବନାହିଁ। ଏହା ତୁମ ମାନଙ୍କର ଦୀର୍ଘ ଦିନର ଅଧ୍ୟୟନ, ଶୃଙ୍ଖଳା ଓ କଠିନ ଅଧ୍ୟବସାୟର ପରୀକ୍ଷା। ଆନନ୍ଦରେ ଆତ୍ମବିଶ୍ୱାସର ସହିତ ପ୍ରଶାନ୍ତ ହୃଦୟରେ ପରୀକ୍ଷା ଓ ଠିକ ପ୍ରସ୍ତୁତି ସହିତ ତୁମେ ମାନେ ପରୀକ୍ଷାରେ ଅଂଶ ଗ୍ରହଣ କର। ଏହା କେବଳ ନମ୍ବର ମିଳିବା ପାଇଁ ଏକ ମାଧ୍ୟମ ନୁହେଁ ବରଂ ଏହା ତୁମ ଗଭୀର ଅଧ୍ୟବସାୟ, ଦୃଢ଼ ପ୍ରଚେଷ୍ଟା, ଅସାମାନ୍ୟ ସାମର୍ଥ୍ୟ, ଜ୍ଞାନ ଓ ମୂଲ୍ୟବୋଧର ପ୍ରତିଫଳନ। ପରୀକ୍ଷା ସମୟରେ ସକରାତ୍ମକ ଚିନ୍ତାଧାରା ରଖିବା ସହ କୌଣସି ପରୀକ୍ଷା ସରିବା ପରେ ସେହି ଦିନର ପ୍ରଶ୍ନପତ୍ର ବା ତୁମେ ଲେଖିଥିବା ପ୍ରସଙ୍ଗକୁ ଚର୍ଚ୍ଚା ନକରି ଆଗାମୀ ଦିନର ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅ। ପରୀକ୍ଷା ପରେ ସଙ୍ଗେ ସଙ୍ଗେ ମୂଲ୍ୟାୟାନ କରିବା ଅଭ୍ୟାସ ରଖନାହିଁ। କୌଣସି ଭୟ ନକରି ସାବଧାନତାର ସହିତ ଉତ୍ତର ଲେଖ। ରିଭିଜନ ସମୟରେ ଯଥାସମ୍ଭବ ଅଧିକ ଲେଖିବା ଏକ ଭଲ ଅଭ୍ୟାସ।

ତୁମେ ପ୍ରଶ୍ନପତ୍ର ପାଇବା ପରେ ପ୍ରଥମ ଏକଘଣ୍ଟାରେ ଅବଜେକ୍ଟିଭ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କର। ଏହା ସହିତ ସୁନ୍ଦର ଅକ୍ଷର ଓ ବନାନ ଶୁଦ୍ଧି ଉପରେ ଗୁରୁତ୍ୱ ଦେବା ସହ ବୋର୍ଡ଼ ଯାହା ସୂଚନା ସବୁ ରଖିଛି ତାକୁ ଭଲ ଭାବେ ପଢ଼। ସମ୍ଭବ ହେଲେ ଗତି ତିନିବର୍ଷର ପ୍ରଶ୍ନ ପତ୍ରକୁ ଅଭ୍ୟାସ କର। ବାସ୍ତବରେ ପରୀକ୍ଷା ତୁମ ଅଧ୍ୟବସାୟ, ଦକ୍ଷତାକୁ ଆକଳନ କରି ମାର୍ଗ ଦେଖାଇବା ପାଇଁ ଏକ ସୁବର୍ଣ୍ଣ ଅବସର। ଏହା ବୋଝ ନୁହେଁ କିମ୍ବା ଏକ ଚାପଗ୍ରସ୍ତ କାର୍ଯ୍ୟକ୍ରମ ନୁହଁ। ସକରାତ୍ମକ ମନୋଭାବ, ଦୃଢ଼ ଆତ୍ମ ପ୍ରତ୍ୟେୟ ଓ ଆତ୍ମ ବିଶ୍ୱାସ ସହିତ ନିଜ ପ୍ରସ୍ତୁତିରେ ଲାଗିପଡ। ନିଜେ ଦୁର୍ବଳ ଲାଗୁଥିବା କୌଣସି ଅଧ୍ୟାୟ ବା ପାଠ୍ୟକ୍ରମକୁ ହାଲକା ନଭାବି ନମୁନା ପ୍ରଶ୍ନପତ୍ର ମାଧ୍ୟମରେ ଅଭ୍ୟାସ ଜାରି ରଖ। ପରୀକ୍ଷା ସମୟରେ ଅଭିଭାବକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ କୌଣସି ପ୍ରକାର ପିଲାଟିକୁ ଚାପଗ୍ରସ୍ତ ନକରି ବରଂ ପ୍ରେରଣା ଓ ଆତ୍ମ ବିଶ୍ୱାସ ଯୋଗାନ୍ତୁ। ପରୀକ୍ଷା ସମୟରେ ପ୍ରଶ୍ନପତ୍ର ପାଇବା ପରେ ଏହାକୁ ଭଲ ଭାବେ ପଢ଼ି ବୁଝିବା ଦରକାର। ସଂକ୍ଷିପ୍ତ ପ୍ରଶ୍ନ ଉତ୍ତର ଦେବା ସମୟରେ ଜଟିଳ ପ୍ରଶ୍ନକୁ ସାମ୍ନା କଲେ ସେଇଠି ଅଟକି ନଯାଇ ତାକୁ ପଛକୁ ରଖିଦେଲେ ଭଲ। ସବୁବେଳେ ମନେରଖ ତୁମର ଉତ୍ତର ଯେପରି ସରଳ ଓ ଅକ୍ଷର ସୁନ୍ଦର ହୁଏ। କୌଣସି ପ୍ରଶ୍ନ ନ ଛାଡ଼ି ସମସ୍ତ ଉତ୍ତର ଦେବାକୁ ଚେଷ୍ଟା କର। ସେହିପରି ପରୀକ୍ଷା ସମୟରେ ସ୍ୱାସ୍ଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଶାରୀରିକ ଓ ମାନସିକ ଭାବେ ଯେପରି ସୁସ୍ଥ ରହିବ ସେ ଦିଗକୁ ଦୃଷ୍ଟିରେ ରଖିଥାଅ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅଧ୍ୟୟନ ନକରି ଦିନର ପର୍ଯ୍ୟାପ୍ତ ସମୟକୁ ବିନିଯୋଗ କର। ତେବେ କୌଣସି ଯୋଗ ପ୍ରାଣାୟମ କରୁଥିଲେ ଏହା ଏକ ଭଲ ଅଭ୍ୟାସ। ବର୍ଷ ତମାମର ପ୍ରସ୍ତୁତି ତୁମ ମାତାପିତା, ଶିକ୍ଷକ ଓ ଭଗବାନଙ୍କ ଆଶୀର୍ବାଦ ନିଶ୍ଚିନ୍ତ ରହିଛି ତେଣୁ ନିର୍ଭୟରେ ଏବଂ ଆନନ୍ଦର ସହିତ ପରୀକ୍ଷା ଉତ୍ସବ ପାଇଁ ନିଜକୁ ସାମିଲ କରି ଆନନ୍ଦ ମନରେ ଦକ୍ଷତାର ସହିତ ଖୋଲା ମନରେ ପରୀକ୍ଷାକୁ ସାମ୍ନା କର ଓ ଉତ୍ତୀର୍ଣ୍ଣ ହୁଅ। ଭକ୍ତକବି ମଧୁସୂଦନଙ୍କ କାଳଜୟୀ ଓ ସ୍ମରଣୀୟ ଧାଡ଼ିଟି ତୁମ ମାନଙ୍କୁ ମନେପକାଇ ଦେଉଛି – ‘ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ। ବିଦ୍ୟା ଅଟଇ ମହାରତ୍ନ, ହୃଦୟେ ଘେନ କରି ଯତ୍ନ। ବିଦ୍ୟା ଅଟଇ ମହାମିତ, ସେ ସଙ୍ଗେ ହୁଅ ହେ ପବିତ୍ର। ବିଦ୍ୟା ଅଟଇ ମହାବଳ, ସେ ବଳେ ଜିଣ ଭୂମଣ୍ଡଳ।’

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୪୩୭୨୨୫୫୯୨
E-mail : s271169@gmail.com

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ଶନିବାର ୨୧.୨ ୨୦୨୬




## ନିଶାଡ଼ିଙ୍କ ନୂଆ ନିଶା, ପିଉଛନ୍ତି ହୋମିଓପାଥ୍ ନେର୍ଭ ଟନିକ୍



ନବରଙ୍ଗପୁର : ନବରଂଗପୁର ଜିଲ୍ଲା ଏବେ ନକଲି ଔଷଧ ଓ ନିଶା ଔଷଧ କାରାବାରର ପେଣ୍ଠସ୍ଥଳୀ ପାଲଟିଛି। ନକଲି ଔଷଧ ସହିତ ବିଭିନ୍ନ ପ୍ରକାରର ନିଶା ସାମଗ୍ରୀର କାରାବାର ବେଧଡ଼କ ଚାଲିଥିବା ବେଳେ ଡ୍ରଗ୍ସ କଣ୍ଟ୍ରୋଲର କିମ୍ବା ପୁଲିସ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି। ସହରର ବିଭିନ୍ନ ବସ୍ତି ଅଂଚଳର ନାବାଳକ ମାନେ ବ୍ୟାପକ ଭାବେ କଫସିରପ୍, ସଲ୍ୟୁସନ, ଇରାଜେକ୍ସ ଆଦି ନିଶା ସହ ଔଷଧ ଦୋକାନ ଗୁଡ଼ିକରୁ ନିଶା ବଟିକା ବି କିଣି ଖାଉଥିଲେ। ଏବେ ନିଶାଡ଼ିଙ୍କ ନୂଆ ନିଶା ହୋମିଓପାଥିର ନେର୍ଭ ଟନିକ ନେରିଭଲପ୍ଲସ (୧୦୦ଏମଏଲ)କୁ ପିଉଥିବା ଦେଖିବାକୁ ମିଳିଛି। ରଙ୍ଗାମଟିଗୁଡ଼ା ସହ ସହରର କିଛି ବସ୍ତି ଅଂଚଳରେ ଏଭଳି ବୋତଲ ଦେଖିବାକୁ ମିଳିଛି।ନବରଂଗପୁର ଜିଲ୍ଲାର ବିଭିନ୍ନ ଔଷଧ ଦୋକାନ ଗୁଡ଼ିକରେ ଛତିଶଗଡ଼, ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବଲାଙ୍ଗୀର ଅଂଚଳରୁ ବ୍ୟାପକ ଭାବେ ନକଲି ଔଷଧ ସହ ନିଶା ଔଷଧ ଆସୁଛି। ରୋଗୀ କିମ୍ବା ରୋଗୀଙ୍କ ସଂପର୍କୀୟ ମାନେ ଏହା ଅସଲି ନା ନକଲି ଜାଣିବା ମୁସ୍କିଲ। ଔଷଧ ଦୋକାନୀ ଲାଭଖୋର ମନୋବୃତ୍ତି ନେଇ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। କିଛି ମୁନାଫାଖୋର ଔଷଧ ମାଫିଆ ଏହି ନକଲି ଔଷଧର ଜାଲ ବିଛାଇଥିବା ଜଣାପଡ଼ିଛି। ଔଷଧ ଦୋକାନ ଗୁଡ଼ିକ ଉପରେ ଡ୍ରଗ୍ସ, ଅବକାରୀ ଓ ପୁଲିସ ପକ୍ଷରୁ କେବେ ମଧ୍ୟ ଚଢ଼ଉ କରିବା ନଜିର ନାହିଁ।ଅନ୍ୟପକ୍ଷରେ ଗୋଟିଏ ଔଷଧ ଦୋକାନରେ ଫାର୍ମାସିଷ୍ଟ ବସିବା ବାଧ୍ୟତାମୂଳକ ହୋଇଥିବା ବେଳେ ଜଣେ ଜଣେ ଫାର୍ମାସିଷ୍ଟଙ୍କ ନାଁରେ ଏକାଧିକ ଔଷଧ ଦୋକାନ ଚାଲିଛି। ଏପରିକି କିଛି ଫାର୍ମାସିଷ୍ଟ ସରକାରୀ ଚାକିରି କରିବା ପରେ ବି ତାଙ୍କରି ନାଁ ଏବଂ ଲାଇସେନସରେ ଖୋଲାଯାଉଛି ଔଷଧ ଦୋକାନ। ଅପରପକ୍ଷରେ ସହରର ବିଭିନ୍ନ ବସ୍ତି ଅଂଚଳର ନାବାଳକ ମାଳେ ବ୍ୟାପକ ଭାବେ କଫସିରପ୍, ସଲ୍ୟୁସନ, ଇରାଜେକ୍ସ ଆଦି ନିଶା ସହ ଔଷଧ ଦୋକାନ ଗୁଡିକରୁ ନିଶା ବଟିକା ବି କିଣି ଖାଉଛନ୍ତି। ନିଶା ବଟିକା ଓ ନକଲି ଔଷଧ ନିୟମିତ ବିଭିନ୍ନ ବସରେ ପଶ୍ଚିମ ଓଡ଼ିଶା, ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ଛତିଶଗଡ଼ରୁ ଆସୁଥିବା ଜଣେ ଔଷଧ ଦୋକାନୀ କହିଛନ୍ତି।ଜିଲ୍ଲାର ଅଧିକାଂଶ ଔଷଧ ଦୋକାନରେ ନକଲି ଔଷଧ ବିକ୍ରି କରୁଛନ୍ତି ବୋଲି କହିଛନ୍ତି। କେନ୍ଦ୍ର ଓ ରାଜ୍ୟସରକାର କିଛି ଅଲକଅଲ୍ ରହିତ ଥିବା ଔଷଧ ଗୁଡ଼ିକ ନିଷେଦ୍ଧ କରିବା ପରେ ନିଶାଡ଼ିମାନେ ନୂଆ ନୂଆ ନିଶା ଖୋଜି ପିଉଛନ୍ତି। ଏହି ହୋମିଓପାଥି ନେରିଭଲପ୍ଲସ ସିରପରେ ୪୦ପ୍ରତିଶତ ଅଲକହଲ୍ ଥିବା ବି ଦେଖିବାକୁ ମିଳିଛି। ଆଲକହଲ୍ ପରିମାଣ ଅଧିକା ଥିଲେ ଦୁଇରୁ ତିନୋଟି ପିଇଲେ ନିଶା ହୋଇଯିବ ବୋଲି କହିଛନ୍ତି ହୋମିଓପାଥୀ ଡାକ୍ତର ଡ.ପଙ୍କଜ ପଟ୍ଟନାୟକ।

## ବଢୁଛି ଲାଖଯୁକ୍ତ ଶଙ୍ଖା ଚୁଡ଼ିର ଆଦର

କଟକ,: ପ୍ରାଚୀନ ସିନ୍ଧୁ ସଭ୍ୟତାରୁ ଆରମ୍ଭ କରି ଆଧୁନିକ ଭାରତୀୟ ସଭ୍ୟତା ପର୍ଯ୍ୟନ୍ତ ନାରୀର ଆଭୂଷଣ ଭାବେ ଶଂଖା ଓ ଚୂଡ଼ିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଭାରତୀୟ ନାରୀ ଶଂଖାକୁ ଅତି ଆଦରର ସହିତ ପରିଧାନ କରିଥାନ୍ତି। ପାରମ୍ପାରିକ ତଥା ଆଧୁନିକ ଚୂଡ଼ି, ଶଂଖା ଓ କଡ଼ାର ଆଦର ଆମ ରାଜ୍ୟର ନାରୀମାନଙ୍କ ମଧ୍ୟରେ ବିଶେଷ ଭାବେ ପରିଲକ୍ଷିତ ହୋଇଥାଏ । ଏହାଛଡ଼ା ମଧ୍ୟ ରାଜସ୍ଥାନୀ ଶଂଖା ଓ ଚୂଡ଼ିର ବ୍ୟବହାର ରାଜ୍ୟରେ ବହୁଳ ଭାବରେ ଦେଖାଯାଇଥାଏ। ସୁଦୂର ରାଜସ୍ଥାନରୁ ଆସିଥିବା ଶଂଖାରୀମାନେ ବହୁବର୍ଷ ଧରି କଟକରେ ଲାଖ ପ୍ରଲେପଯୁକ୍ତ ଶଂଖା ପ୍ରସ୍ତୁତ କରିଥାନ୍ତି, ଯାହାର ରାଜ୍ୟରେ ବେଶ ଚାହିଦା ରହିଛି। ସ୍ଥାନୀୟ ବାଙ୍କାବଜାର ଅଂଚଳରେ କିଛି କାରିଗର ରାଜସ୍ଥାନୀ ଲାଖଯୁକ୍ତ ଶଂଖା ଓ ଚୂଡ଼ି ପ୍ରସ୍ତୁତ କରିଥାନ୍ତି । ଏମାନଙ୍କ ପୂର୍ବପୁରୁଷ ରାଜସ୍ଥାନରୁ ଆସି ଏଠାରେ ଶଂଖା ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି । ବିଭିନ୍ନ କିସମର ରଂଗ ବେରଂଗ ଶଂଖାରେ ଲାଖର ପ୍ରଲେପ ଦେଇ ଆକର୍ଷଣ କରିବା ସହିତ ଏହାର ବିକ୍ରୟ କରିବା ହେଉଛି ସେମାନଙ୍କର ପୈତୃକ ପେଷା ବୋଲି ଶଂଖା ତିଆରି କାରିଗର ସାଦିକ ମନିହାର କହିଛନ୍ତି। ପିଢ଼ି ପରେ ପିଢ଼ି ଏହା ସେମାନଙ୍କର କୌଳିକ ବୃତ୍ତି। ଲାଖଯୁକ୍ତ ଶଂଖା, ସୁନା ଅଂଳକାରରେ ଲାଖ ଫିଲିଂ, ବିବାହ ଶଂଖା ଗଢ଼ିବା ଏମାନଙ୍କର ଦୈନନ୍ଦିନ ଜୀବିକା । ଏଥିପାଇଁ ସେମାନେ ପ୍ରତ୍ୟେହ ୧୨ଘଣ୍ଟା ପରିଶ୍ରମ କରିଥାନ୍ତି । ଏହାଛଡ଼ା ସହରର ଚୂନଭାଟି ଅଚଳରେ ମଧ୍ୟ କିଛି କାରିଗର ରାଜସ୍ଥାନୀ ଶଂଖା ତିଆରିକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରି ପରିବାର ପ୍ରତିପୋଷଣ କରୁଛନ୍ତି । ପୂର୍ବେ ଓଡ଼ିଶାରେ ରାଜସ୍ଥାନୀ ଶଂଖାକୁ "ମାଟି ଶଂଖା" କୁହାଯାଉଥିଲା ବୋଲି



ଶଂଖା କାରିଗର ଦୌଲତ ବିବି କହିଛନ୍ତି। ବୃକ୍ଷରୁ ସଂଗୃହୀତ ହେଉଥିବା ଲାଖକୁ ସୋଧନ କରି ଏଥିରେ ରଂଗ ମିଶ୍ରଣ କରାଯାଇ ପାଗ ପ୍ରସ୍ତୁତ କରାଯାଇଥାଏ। ଉକ୍ତ ପାଗକୁ କାଠିରେ ଲଗାଇ ନିଆଁ ଭାଟିରେ ଗରମ କରାଯାଏ। ବିଭିନ୍ନ ପ୍ରକାରର ରଂଗ ବେରଂଗର ଶଂଖାରେ ଏହି ପ୍ରଲେପକୁ ମିଶ୍ରଣ କରାଯାଇ ଆକର୍ଷଣୀୟ କରାଯାଇଥାଏ। ଶଂଖାକୁ ମନଲୋଭା କରିବା ପାଇଁ ଏଥିରେ ଷ୍ଟୋନ ବସାଯାଇଥାଏ। ଲାଖଶଂଖାର ଯୋଡ଼ି ୧୦୦ଟଙ୍କାରୁ ଆରମ୍ଭ କରି ୧୦୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ଏଥିରେ ବସାଯାଉଥିବା ସାଧାରଣ ଷ୍ଟୋନର ଦାମ ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥିବାବେଳେ ଉନ୍ନତମାନର ଷ୍ଟୋନର ଦାମ ୫୦୦ ଟଙ୍କାରୁ ୧୦୦୦ଟଙ୍କା ମଧ୍ୟରେ ରହିଛି । ରାଜ୍ୟରେ ବିଶେଷ କରି ରଜ, ସାବିତ୍ରୀ, ବିବାହ ବ୍ରତ ଏବଂ ଅନ୍ୟାନ୍ୟ ପାର୍ବଣ ଋତୁରେ ଏହି ଶଂଖାର ଅଧିକ ଚାହିଦା ରହିଥାଏ। ବିବାହିତ ମହିଳା ଓ ଯୁବପିଢ଼ିର ଝିଅମାନେ ଏହି ଶଂଖାକୁ ପିନ୍ଧିବାକୁ ବେଶ ପସନ୍ଦ କରିଥାନ୍ତି। ସେହିପରି ଟେଲିଭିଜନ ଧାରାବାହିକର ଅଭିନେତ୍ରୀମାନେ ରାଜସ୍ଥାନୀ ଶଂଖାକୁ ତାଙ୍କ ଚରିତ୍ରରେ ପରିଧାନ ମଧ୍ୟ କରିଥାନ୍ତି । ସଂପ୍ରତି ଏହି କୁଟୀର ଶିଳ୍ପରେ ବହୁ ସମସ୍ୟା ଦେଖାଦେଇଛି । ଆବଶ୍ୟକ ପରିମାଣର କଞ୍ଚା ମାଲ ଓଡ଼ିଶାରେ ଉପଲବ୍ଧ ହେଉନାହିଁ । ପଶ୍ଚିମବଂଗରୁ ଲାଖ, ଫିରୋଜାବାଦରୁ କାଚ, କୋଲକତା ଓ ମୁମ୍ବାଇରୁ ପଥର ସଂଗ୍ରହ କରାଯାଇଥାଏ। ଏହି କଞ୍ଚାମାଲର ଅଭାବ ସାଂଗକୁ ରାଜ୍ୟରେ ଶଂଖାର ବିକ୍ରୟ ପାଇଁ ମଧ୍ୟ ବଜାରର ଅଭାବ ରହିଛି ବୋଲି ବହୁ ଶଂଖା କାରିଗରମାନେ କହିଛନ୍ତି। ରାଜ୍ୟରେ ଏହି କୁଟୀର ଶିଳ୍ପ ସମ୍ବନ୍ଧରେ ଜ୍ଞାନ ଥିବା କାରିଗରଙ୍କ ସଂଖ୍ୟା ବହୁ ନଗଣ୍ୟ । ପରିବାରର ଯୁବପିଢ଼ି ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ଏହି କୌଳିକ ବୃତ୍ତିକୁ ଶିକ୍ଷା ଭାବେ ଗ୍ରହଣ କରିଥାନ୍ତି ମାତ୍ର ଆଜିର ଯୁବପିଢ଼ି ନିଆଁ ଭାଟି ସମ୍ମୁଖରେ ୧୨ଘଣ୍ଟା ବସିବା ସହିତ ଏହି ଶଂଖା ବ୍ୟବସାୟରୁ ସ୍ୱଳ୍ପ ଆୟ ହେଉଥିବାରୁ ଏହାକୁ ଆଉ ଜୀବିକା ଭାବେ ନିର୍ବାହ କରିବାକୁ ପସନ୍ଦ କରୁନାହାନ୍ତି । ରାଜ୍ୟ ସରକାର କଞ୍ଚାମାଲର ସୁବନ୍ଦୋବସ୍ତ କରିବା, ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିବା, ବିକ୍ରୟ ପାଇଁ ବଜାର ସୃଷ୍ଟି କରିବା, ମେଳାରେ କାରିଗରମାନଙ୍କୁ ପ୍ରାଧାନ୍ୟ ଦେବା ଓ କଳା ପ୍ରତି ଜନ ସଚେତନତା ସୃଷ୍ଟି କରିପାରିଲେ, କ୍ରମଶଃ ଲୁପ୍ତ ହୋଇ ଯାଉଥିବା ଏହି କୁଟୀର ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ଶଂଖା କାରିଗରମାନେ ମତ ପ୍ରକାଶ କରିଛନ୍ତି।

### ପରିବହନ ଆଇନ୍‌ର ଖୋଲା ଉଲ୍ଲଂଘନ

## ମାଲବାହୀ ଗାଡିରେ ଶ୍ରମିକମାନଙ୍କ ବିପଦଜନକ ଯାତ୍ରା



ପାରାଦୀପ(ମହାଭାରତ): ପାରାଦୀପ ସମେତ ବିଭିନ୍ନ ଶିଳ୍ପସଂସ୍ଥାକୁ ଦୈନିକ କାମ କରିବାକୁ ଆସୁଥିବା ଶ୍ରମିକମାନଙ୍କୁ ମାଲବାହୀ ଗାଡିରେ ଅତି ବିପଦ୍‌ଜନକ ଭାବେ ପରିବହନ କରୁଛନ୍ତି ଠିକାଦାର । ଯାହାକି ଶ୍ରମ ଓ ପରିବହନ ଆଇନ୍‌ର ଖୋଲା ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି । ବନ୍ଦର ତଥା ଶିଳ୍ପ ସହର ପାରାଦୀପ ସମେତ ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାକୁ ଦୈନିକ ଶ୍ରମିକମାନେ ଯାତାୟତ କରିଥାନ୍ତି । ଏହି ଶ୍ରମିକମାନଙ୍କୁ ନେବା ଆଣିବା କରିବା ପାଇଁ ଯାତ୍ରୀବାହୀ ଗାଡିର ଆବଶ୍ୟକତା ଥିବା ବେଳେ ଶ୍ରମିକମାନେ ଠିକାଦାରମାନେ ଲାଭଖୋର୍ ହୋଇ ଶ୍ରମିକମାନଙ୍କୁ ମାଲବାହୀ ଗାଡି ପିକ୍‌ଅପ୍ ଭ୍ୟାନ୍ ଏବଂ ଟ୍ରାକଟର୍ ଡାଲାରେ ଆଣି ଫାଟକ ସାମ୍ନାରେ ଛାଡୁଛନ୍ତି ଏବଂ ସେଠାରୁ ପୁଣି ନେଇ ଯାଉଛନ୍ତି। ଯଦି କୌଣସି କାରଣରୁ ଦୁର୍ଘଟଣା ଘଟେ ତେବେ ଶ୍ରମିକମାନେ ଆଇନ୍‌ଗତ ସହାୟତା ପାଇବେତ ? ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୂର୍ବରୁ ଏ ସମ୍ପର୍କରେ ଖବର ପ୍ରକାଶତି ହେବା ପରେ ଜଗତସିଂହପୁର ଆଂଚଳିକ ପରିବହନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ପରିବହନ ବିଭାଗ ପକ୍ଷରୁ ପରିବହନ ଅଧିକାରୀମାନେ ପାରାଦୀପ ଆସି ଏହି ଗାଡି ଗୁଡିକୁ ଧରି ଜୋରିମାନା କରିବା ପରେ ମାଲବାହୀ ଗାଡିରେ ଶ୍ରମିକ ପରିହବନ ବନ୍ଦ ହୋଇଯାଇଥିଲା । ପରିବହନ ବିଭାଗର ଏହି ଅଧିକାରୀମାନେ ଆଉ ପାରାଦୀପ ଆସୁ ନଥିବାର ସୁଯୋଗ ଦେଖି ପୁଣି ଏହି ଲାଭଖୋର ଠିକାଦାରମାନେ ସକ୍ରିୟ ହେଲେଣି। ପ୍ରତିଦିନ ଏହି ଭଳି ଭାବେ ମାଲବାହୀ ଗାଡିରେ ଶ୍ରମିକମାନଙ୍କୁ ନେବାଆଣିବା ଦେଖିବାକୁ ମିଳୁଛି । ମୂଲ୍ୟବାନ ଜୀବନ ରକ୍ଷା କରିବା ପାଇଁ ପରିବହନ ବିଭାଗ ଏହା ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବୀ ହେଉଛି ।

## ଦ୍ୱିତୀୟ ଦିନରେ ସୁଭଦ୍ରା ଶକ୍ତି ମେଳା

ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଡେପୁଟି ସିଓ ଓରମାସ ଶ୍ରୀ ଆଶିଷ କୁମାର ରାଉଳ, ଡିପିଏମ, ଓଏଲଏମ ଶ୍ରୀ ଟିମନ ବାରା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୁଖ ମଞ୍ଚାସିନ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ କଳାକାର ଓ ଜିଲ୍ଲା ବାହାରୁ କଳାକାରମାନଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।ଏହି ମେଳା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ଏହି ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ମେଳାରେ ରାଜ୍ୟର ସମସ୍ତ ଜିଲ୍ଲାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗନେଇ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ କରୁଛନ୍ତି ।ଏହି ମେଳାରେ ବିବିଧ ହସ୍ତତନ୍ତ , ହସ୍ତଶିଳ୍ପ , ଖାଦ୍ୟ ଓ ଅଣ କାଷ୍ଠ ଜଙ୍ଗଲ ଉତ୍ପାଦ ପ୍ରଦର୍ଶିତ ହୋଇଛିୟ ପରିଦର୍ଶକ ଅତିଥିମାନେ ଏଠାରେ ଲୁଗାପଟା , ଖାଦ୍ୟଶସ୍ୟ , ଗୃହ ସାଜସଜ୍ଜା ଓ ଘରକରଣା ଜିନିଷର ଅପୂର୍ବ ସମ୍ଭାର କିଣିପାରିବେ।ସେହିପରି ଏହି ମେଳା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ନିଜର ଉତ୍ପାଦକୁ ବୃହତ ବଜାର ସହିତ ସଂଯୋଗ କରି ଆୟ ବୃଦ୍ଧି ଓ ଆତ୍ମନିର୍ଭରତା ଅର୍ଜନ କରିବେୟ ଏହା ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ସହ ଲକ୍ଷପତି ଦିଦି ହେବା ସ୍ୱପ୍ନକୁ ସାକାର କରିବ। ମିଶନ ଶକ୍ତିର ଏହି ପଦକ୍ଷେପ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବ।ଏହି କାର୍ଯ୍ୟକ୍ରମରେ ଲାଇନ୍ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏମଭି-୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ୧୦୮ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ

ମାଲକାନଗିରି,(ମହାଭାରତ): ମାଲକାନଗିରି ଜିଲ୍ଲାର ଏମଭି-୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚସି)ରେ ଆଜି ଅତ୍ୟାଧୁନିକ ସୁବିଧାସମ୍ପନ୍ନ ନୂତନ ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ହୋଇଛି। ଏହି ନୂତନ ଆମ୍ବୁଲାନ୍ସ ପହଞ୍ଚିବା ସହିତ ଦୂରଗାମୀ ଅଞ୍ଚଳର ଆପତ୍କାଳୀନ ସ୍ୱାସ୍ଥ୍ୟସେବାରେ ନୂଆ ଗତି ଆସିବ ବୋଲି ଆଶା କରାଯାଉଛି।ପୂର୍ବରୁ ଏହି କେନ୍ଦ୍ରରେ ଚାଲୁଥିବା ଆମ୍ବୁଲାନ୍ସଟି ଦୀର୍ଘଦିନ ଧରି ପୁରୁଣା ଓ ବିକଳ ଅବସ୍ଥାରେ ଥିବାରୁ ଆପତ୍କାଳୀନ ରୋଗୀଙ୍କୁ ସମୟମତେ ହସ୍ପିଟାଲରେ ପହଞ୍ଚାଇବାରେ ବାଧା ସୃଷ୍ଟି ହେଉଥିଲାୟ କେତେବେଳେ ଯାନଟିକୁ ଠେଲି ଚାଲୁ କରିବାକୁ ପଡୁଥିବା ଘଟଣା ମଧ୍ୟ ଦେଖାଯାଇଥିଲା। ଏବେ ନୂତନ ଆମ୍ବୁଲାନ୍ସର ଆଗମନ ସହିତ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ପୂଜାର୍ଚ୍ଚନା ପରେ ଏହାକୁ ରୋଗୀ ସେବା ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି।ଏହି ନୂତନ ୧୦୮ ଆମ୍ବୁଲାନ୍ସରେ ଇମରଜେନ୍ସି ମେଡିକାଲ ଟେକ୍ନିସିଆନ (ଇଏମଟି) ଭାବେ ଇନ୍ଦ୍ରଜିତ ସରକାର ଓ ଅମରେଶ ମଣ୍ଡଳ, ପାଇଲଟ୍ ଭାବେ କାନାଇ ବାଗାଲ ଓ ରାହୁଲ ବଇଦ, ଏବଂ ହେଲ୍ପର ଭାବେ ଅଶ୍ୱିନୀ ବାଗାଲ ଓ ତୁଷାର ସରଦାର କାର୍ଯ୍ୟରତ ରହିବେ।

## ଜିଲ୍ଲାସ୍ତରୀୟ ବିଶ୍ ସାମାଜିକ ନ୍ୟାୟ ଦିବସ -୨୦୨୬ ପାଳିତ



ଗଜପତି(ମହାଭାରତ): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଗଜପତି ପକ୍ଷରୁ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ବିଶ୍ ସାମାଜିକ ନ୍ୟାୟ ଦିବସ -୨୦୨୬ ପାଳିତ ହୋଇ ଯାଇଛି । ଏହି ଅବସରରେ ସମସ୍ତ ବରିଷ୍ଠ ନାଗରିକ ଯୋଗଗୁରୁଙ୍କ ତତ୍ତ୍ୱାବଧାନରେ ଯୋଗ କରିଥିଲେ ଓ ସେମାନଙ୍କର ନାମ ପଞ୍ଜୀକରଣ ପରେ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟଶିବିରର ଆୟୋଜନ କରାଯାଇଥିଲା । ଏଥିରେ ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ଼ାକ୍ତର ଯୋଗ ଦେଇଥିଲେ ଏବଂ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ପରୀକ୍ଷା କରିବା ସଙ୍ଗେ ସଙ୍ଗେ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ଉକ୍ତ କାର୍ଯକ୍ରମରେ ସମୁଦାୟ ୧୯୨ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିବା ବେଳେ ୧୮୭ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଶ୍ରୀଯୁକ୍ତ ଅନୁପ ପଣ୍ଡା, ଉପ ଜିଲ୍ଲାପାଳ, ପାରଳାଖେମୁଣ୍ଡି ଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଡ଼ାକ୍ତର ପ୍ରଦୀପ ମହାପାତ୍ର, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ,ଗଜପତି, ଶ୍ରୀଯୁକ୍ତ ମହେଶ୍ୱର ମଣ୍ଡଳ, ଜିଲ୍ଲା ଅଗ୍ରଣୀ ପ୍ରବନ୍ଧକ, ୟୁନିୟନ ବ୍ୟାଙ୍କ, ପାରଳାଖେମୁଣ୍ଡି, ଶ୍ରୀଯୁକ୍ତ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପଦେଷ୍ଟା, ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ, ପାରଳାଖେମୁଣ୍ଡି, ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ରଥ, କାର୍ଯ୍ୟକାରିଣୀ ସଭାପତି, ବରିଷ୍ଠ ନାଗରିକ ମଞ୍ଚ, ପାରଳାଖେମୁଣ୍ଡି, ଶ୍ରୀଯୁକ୍ତ ବିନୋଦ ଚନ୍ଦ୍ର ଜେନା, ଉପଦେଷ୍ଟା, ଗ୍ରାମା□ଳ ଉନ୍ନତି ନିମନ୍ତେ ବରିଷ୍ଠ ନାଗରିକ ମଞ୍ଚ, ଗୁରାଣ୍ଡି ସମ୍ମାନନୀୟ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମର ଆବାହିକା ଶ୍ରୀମତୀ ଉତ୍ସର୍ଗୀତା ବଡରଇତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ,ଗଜପତି ବିବରଣୀ ପଠନ କରିବା ସହ ମଞ୍ଚ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ମୋଟ ୫ ଜଣ ହିତାଧିକାରୀଙ୍କୁ ନୂତନ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। ଏହା ପରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ପୋଲିସ ପ୍ରଶାସନଙ୍କ ଦ୍ୱାରା ଡିଜିଟାଲ ସାକ୍ଷରତା , ଜିଲ୍ଲା ଅଗ୍ରଣୀ ପ୍ରବନ୍ଧକ, ୟୁନିୟନ ବ୍ୟାଙ୍କ, ପାରଳାଖେମୁଣ୍ଡି ଓ ପୋଷ୍ଟ ଅଫିସ ର କର୍ମକ□ । ଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା ଓ ଜିଲ୍ଲା ପ୍ରଶାସନ ଦ୍ୱାରା ମାତା ପିତା ତଥା ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ ଓ କଲ୍ୟାଣ ଆଇନ, ୨୦୦୭ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ଶ୍ରୀଯୁକ୍ତ ଏଲ୍ .ସନ୍ତୋଷ କୁମାର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ପାରଳାଖେମୁଣ୍ଡି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ଗଞ୍ଜାମରେ ୮୮% ଧାନ କ୍ରୟ; ଡିବିଟି ମାଧ୍ୟମରେ ୧୦୫୫ କୋଟି ଡିପୋଜିଟ୍

ବ୍ରହ୍ମପୁର: ଗଞ୍ଜାମଜିଲ୍ଲା ରାଜ୍ୟର ସବୁଠାରୁ ବଡ଼ କୃଷିପ୍ରଧାନ ଜିଲ୍ଲାମାନଙ୍କ ମଧ୍ୟରୁ ଅନ୍ୟତମ। ଏଠାରୁ ପ୍ରତିବର୍ଷ ଲକ୍ଷାଧିକ ଚାଷୀଙ୍କ ଠାରୁ ବିପୁଳ ପରିମାଣରେ ଧାନ କ୍ରୟ କରାଯାଇଥାଏ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମତେ ଗଞ୍ଜାମ ଜିଲ୍ଲା ପ୍ରଶାସନ, ଉପଖଣ୍ଡ ପ୍ରଶାସନ ଓ ବ୍ଲକ ପ୍ରଶାସନମାନଙ୍କ ପକ୍ଷରୁ ମଣ୍ଡିଗୁଡିକର ସୁପରିଚାଳନା, ସୁବିଧାରେ ପଞ୍ଜୀକରଣ, ତାସହ ତ୍ୱରିତ ଓ ସମୟୋଚିତ ଭାବେ ଚାଷୀମାନଙ୍କ ଖାତାକୁ ଆର୍ଥିକ ପ୍ରାବଧାନ ପହଞ୍ଚାଇବାକୁ ବିଭିନ୍ନ ସମୟଉପଯୋଗୀ ବ୍ୟବସ୍ଥା କରାଯାଇଛି। ଫଳ ସ୍ୱରୂପ, ଗଞ୍ଜାମ ଜିଲ୍ଲା ଚଳିତ ଧାନ କ୍ରୟ ଋତୁରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ।ଜିଲ୍ଲାରେ ମୋଟ ୫୪,୪୬,୨୦୧ କ୍ୱିଣ୍ଟାଲ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୪୭,୯୮,୫୮୮ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇ ପ୍ରାୟ ୮୮ ପ୍ରତିଶତ ଲକ୍ଷ୍ୟ ଆଜି ତାରିଖ ସୁଦ୍ଧା ହାସଲ କରାଯାଇପାରିଛି। ଏହାଠାରୁ ଅଧିକ ସ୍ୱାଗତଯୋଗ୍ୟ କଥା ଏହିକି ଯେ, ୧,୨୧,୮୧୬ ଜଣ ଚାଷୀଭାଇଭଉଣୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଟି ମାଧ୍ୟମରେ ୧୦୫୫ କୋଟିରୁ ଅଧିକ ଟଙ୍କା ପହଂଚିସାରିଛି । ବିଗତ ବର୍ଷ ଗୁଡିକ ତୁଳନାରେ ଅଧିକ କ୍ଷିପ୍ର ଗତିରେ ଏ ବର୍ଷ ଧାନ କ୍ରୟ ପ୍ରକ୍ରିୟା ଆଗେଇ ଚାଲିଛି। ତେଣୁ, ଚାଷୀଭାଇଭଉଣୀମାନଙ୍କ ମଧ୍ୟରେ ମୋଟାମୋଟି ଭାବରେ ଆନନ୍ଦ ପରିଲକ୍ଷିତ ହେଉଛି। ଏହି ଏକ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆର୍ଥିକ ପ୍ରାବଧାନ ଜିଲ୍ଲାର ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା ସହିତ ଅନ୍ନଦାତା ଚାଷୀଭାଇଭଉଣୀମାନଙ୍କୁ ଆର୍ଥିକ ସ୍ଥିରତା ପ୍ରଦାନ କରିପାରିଛି। ସୁଚିନ୍ତିତ ପରିକଳ୍ପନା, ନିରନ୍ତର ନିରୀକ୍ଷଣ, ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ସମନ୍ୱୟ।ମୂଳକ ପଦକ୍ଷେପ ଫଳରେ ଏହି ଆଖିଦୃଶିଆ ସଫଳତା ମିଳିପାରିଛି ।ଅନ୍ନଦାତା ଚାଷୀଭାଇଭଉଣୀମାନଙ୍କର ଯେ କୌଣସି ସମସ୍ୟାକୁ ଜିଲ୍ଲା ପ୍ରଶାସନ ସବୁବେଳେ ଗୁରୁତ୍ୱର ସହିତ ଗ୍ରହଣ କରିଛି। ଜିଲ୍ଲାପାଳଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଧାନ କ୍ରୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେଇଛନ୍ତି । ଗଞ୍ଜାମ ଏକ ବିଶାଳ ଜିଲ୍ଲା ହୋଇଥିବା ସ□, ନିୟମିତ ସମୀକ୍ଷା ବୈଠକ, ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ, ମଣ୍ଡି ପର୍ଯ୍ୟବେକ୍ଷଣ ଏବଂ ପ୍ୟାକ୍ସ ଓ ସମ୍ବନ୍ଧିତ ସଂସ୍ଥାମାନଙ୍କ ସହ ସମନ୍ୱୟ ମାଧ୍ୟମରେ ବିଭିନ୍ନ ବାଧାବିଘ୍ନକୁ ଦୂର କରାଯାଇଆସିଛି ଯାହା ଫଳରେ ୮୮ ପ୍ରତିଶତ ଧାନ କ୍ରୟ ହୋଇସାରିଛିୟ ଆଉ ବଳକା ଧାନ ଖୁବ ଶୀଘ୍ର କ୍ରୟ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଡି୍ କୀର୍ତ୍ତି ଭାସନ୍ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ପ୍ରୋତ୍ସାହିତ ଓ ଲାଭାନ୍ୱିତ କରିବା ସହିତ ସୁଚାରୁ ଭାବରେ ଧାନ କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରଖିଛି, ବୋଲି ସେ ଉଲ୍ଲେଖ କରିଛନ୍ତି। ବିଭାଗୀୟ ସୂଚନା ଅନୁଯାୟୀ, ଗଂଜାମ ଜିଲ୍ଲାରେ ୧,୫୬,୭୧୩ ଜଣ ପଂଜିକୃତ ଚାଷୀଙ୍କ ମଧ୍ୟରୁ ୧,୩୦,୧୪୦ ଜଣ ଧାନ ବିକ୍ରୟ କରିସାରିଛନ୍ତି । ସର୍ବମୋଟ ୫୪,୪୪,୬୫୧.୫୪ କ୍ୱି□ାଲ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲାବେଳେ ୪୭,୭୪,୨୧୦.୬୮ କ୍ୱିଣ୍ଟାଲ କ୍ରୟ ହୋଇସାରିଛି ଯାହା ମୋଟ ଶତାଂଶର ୮୭.୬୯ ପ୍ରତିଶତ ଅଟେ ।



## ଜୁଆ ଆଡ୍ଡାରେ ସଦର ଥାନା : ୫ ଗିରଫ ସହ ଟଙ୍କା, ଗାଡି ଓ ଫୋନ୍ ଜବତ,




ନୟାଗଡ଼(ମହାଭାରତ): ନୟାଗଡ଼ ସଦର ଥାନା ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢ଼ାଉ। ଚଢ଼ାଉ ବେଳେ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି ସଦର ଥାନା ପୁଲିସ। ସେମାନେ ହେଲେ ଶରଣକୁଳ ଥାନା ଅନ୍ତର୍ଗତ ମଗରବନ୍ଧ ଗାଁର ରାଜୀବ ପ୍ରଧାନ, ଇଟାମାଟି ଥାନା ଅନ୍ତର୍ଗତ କୃଷ୍ଣପ୍ରସାଦ ଗାଁ ର ଦିଲ୍ଲୀପ କୁମାର ନାୟକ, ସଦର ଥାନା ଅନ୍ତର୍ଗତ ଝିଲଗାଡ଼ିଆ ଗାଁ ର ଧ୍ରୁବ ବରାଡ଼ ଏବଂ ବଢିଆସାହି ଗାଁ ର କୁନା ସ୍ୱାଇଁ ଙ୍କ ସହ ଟାଉନ ଥାନା ଅନ୍ତର୍ଗତ ସିନ୍ଦୂରିଆର ତଇବୁଦ୍ଦିନ ମଲ୍ଲିକ୍। ଅଭିଯୁକ୍ତ ଦିଲ୍ଲୀପ ନାୟକ ସ୍ଥାନୀୟ ଇଟାମାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ନିକଟରୁ ପୁଲିସ ୪୬,୨୭୦ ଟଙ୍କା ସହ ୫ଟି ବାଇକ୍ ଓ ୩ଟି ମୋବାଇଲ ଫୋନ୍ ଜବତ କରିଛି। ବହୁ ଦିନ ହେବ ସଦର ଥାନା ଅଞ୍ଚଳ ହିଞ୍ଜଳ ଗାଡ଼ିଆ ନିକଟ କାଜୁ ଜଙ୍ଗଲରେ ଚାଲିଥିଲା ଜୁଆ ଆଡ୍ଡା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନୟାଗଡ଼ର ଅତିରିକ୍ତ ଏସ୍ପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନିର୍ଦ୍ଦେଶରେ ସଦର ଥାନା ଇନ୍ସପେକ୍ଟର ପ୍ରିୟତମା ପ୍ରଧାନଙ୍କ ନେତୃତ୍ୱରେ ଏହି ଜୁଆ ଆଡ୍ଡା ଉପରେ ଚଢ଼ଉ ହୋଇଥିଲା। ଜୁଆ ଆଡ୍ଡା ରେ ଚଢାଉ ବେଳେ ଅନ୍ୟ ଅଭିଯୁକ୍ତ ମାନେ ସେଠାରୁ ଖସି ପଳାଇ ଯାଇଥିବା ବେଳେ ଏହି ପା□ ଅଭିଯୁକ୍ତ ପୁଲିସ କବଜାରେ ଧରା ପଡ଼ିଯାଇଛନ୍ତି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତ ମାନଙ୍କୁ ପୋଲିସ ଧରିବା ନେଇ ଅତିରିକ୍ତ ଏସ୍ପି ଜ୍ୟୋତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।

## ପିଏମ୍ଶ୍ରୀ ହରିହର ହାଇସ୍କୁଲର ୧୧୦ତମ ବାର୍ଷିକୋତ୍ସବ ପାଳିତ

ଆସିକା(ମହାଭାରତ): ୧୯୧୭ ମସିହାରେ ସ୍ଥାପିତ ସର୍ବପୁରାତନ ପିଏମ୍ଶ୍ରୀ ହରିହର ହାଇସ୍କୁଲର ୧୧୦ତମ ବାର୍ଷିକୋତ୍ସବ ମହା ସମାରୋହ ସହିତ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତିଙ୍କ ସଂଯୋଜନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସଙ୍ଗୀତ କୁମାର ପାଢ଼ୀ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା, ସରକାରୀ ଏନ୍ଏସ୍ ହାଇସ୍କୁଲର ପ୍ରଧାନ ବଳରାମ ପଣ୍ଡା, ଶିକ୍ଷାନୁଷ୍ଠାନର ଆଲୁମିନି କମିଟି ସଭାପତି ପ୍ରଦୀପ କୁମାର ରାଉତ, ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୪-୨୫ ଶିକ୍ଷାବର୍ଷରେ ବିଦ୍ୟାଳୟର ସ୍ତରରେ ଟପ୍ପର ହୋଇଥିବା ମେଧାବୀ ବିଦ୍ୟାର୍ଥୀ ଆକାଶ ମହାନ୍ତି ଓ ଅମିତା ନାହାକ ଓ ଯୋଗଗୁରୁ ଗୁଣ୍ଡିଚା ମହାରଣାଙ୍କ ସମେତ ତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ପରେ ବିଦ୍ୟାର୍ଥୀମାନ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ପ୍ରଧାନଶିକ୍ଷକ ରମାକାନ୍ତ ମହାନ୍ତି ବାର୍ଷିକ ବିବରଣୀ ପଠନ କରି ଉକ୍ତ ବିଦ୍ୟାଳୟର ଅତୀତ ଗୌରବ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା, ରଜନୀରାଣୀ ଦାଶ, ରଞ୍ଜିତ କୁମାର ପ୍ରଧାନ, ଅର୍ଚ୍ଚନା କୁମାରୀ ପାଢୀ, ପ୍ରଶାନ୍ତ କୁମାର ନାୟକ, ମମତା କୁମାରୀ ଭଞ୍ଜ, ନର୍ମଦା କୁମାରୀ ସ୍ୱାଇଁ, ଚନ୍ଦ୍ରିକା ସୁନା, ଦେବେନ୍ ନାୟକ, ଶୁଭେନ୍ଦୁ କୁମାର ମିଶ୍ର, ରଶ୍ମିତା କୁମାରୀ ମିଶ୍ର, ଅଜିତ କୁମାର ରଣା, ବଟକୃଷ୍ଣ ଗୌଡ, ମନୋରଞ୍ଜନ ପଣ୍ଡା, ସବିତା କୁମାରୀ ତ୍ରିପାଠୀ, ଗାୟତ୍ରୀ ପାତ୍ର, ଜୁଲି ରଥ, ଅନିଲ୍ କୁମାର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ଜଣେ ଗିରଫ

ଦଶପଲ୍ଲା,(ମହାଭାରତ): ଗଞ୍ଜେଇ ଚୋରା ଚାଲାଣ ବେଳେ ୧. ୩୫ କୁଇ□ାଲ ଗଞ୍ଜେଇ ସହ ଏକ କାର୍ ଜବତ ଘଟଣାର ବହୁ ଦିନ ପରେ ଦଶପଲ୍ଲା ପୋଲିସକୁ ବଡ ଧରଣର ସଫଳତା ମିଳିଛି ୨୦୨୧ ମସିହାରେ ପୋଲିସ କେସ ନଂ ୪୫/୨୧ ରେ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା। ଘଟଣାରେ ଫେରାର ଥିବା ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଜିତିଲ ପାତ୍ର ନାୟକ (୩୫ ବର୍ଷ)କୁ ଦଶପଲ୍ଲା ପୋଲିସ ଗିରଫ କରିଥିବା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ପ୍ରକାଶ କରିଛନ୍ତି।ଯେତେ ପୁରୁଣା କେସ ହେଉନା କାହିଁକି ତଦନ୍ତ କରି ଦୋଷୀକୁ ଦଣ୍ଡ ଦେଉଥିବାରୁ ଦଶପଲ୍ଲା ବାସି ଖୁସି ହୋଇଛନ୍ତି।

## ମହିଳା ଙ୍କୁ ଦୁଃବ୍ୟବହାର, ଆସାମୀ କୋର୍ଟ ଚାଲାଣ

ଅସ୍ତରଙ୍ଗ(ମହାଭାରତ) : ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ମାଳଦା ଗ୍ରାମ ରେ ଜଣେ ବ୍ୟକ୍ତି ଉକ୍ତ ଗ୍ରାମ ର ଜଣେ ମହିଳା ଙ୍କୁ ଦୁଃବ୍ୟବହାର କରିବା ଅଭିଯୋଗ ରେ ଗିରଫ ହୋଇ ଶୁକ୍ରବାର ଦିନ କୋର୍ଟ ଚାଲାଣ ହୋଇଛନ୍ତି। ସୂଚନା ମୁତାବକ ମାଳଦା ଗ୍ରାମ ର ଜୈନକ ମହିଳା ଙ୍କୁ ଏହି ଗ୍ରାମ ର କୃଷ୍ଣଚନ୍ଦ୍ର ଦାସ ଙ୍କ ପୁଅ ପବିତ୍ର ଦାସ ତାଙ୍କ ଘରେ ଗୁରୁବାର ଦିନ ପ୍ରବେଶ କରି ଶାବଳ କଟୁରୀ ମାଧ୍ୟମ ରେ ଧମକ ଚମକ ଦେବା ସହ ମହିଳା ଙ୍କୁ ଦୁଃବ୍ୟବହାର ପଦର୍ଶନ କରିଥିଲେ, ଏହି ବାବଦରେ ରେ ଜୈନକ ମହିଳା ଜଣଙ୍କ ଅସ୍ତରଙ୍ଗ ଥାନା ରେ ଲିଖିତ ଅଭିଯୋଗ କରିଥିଲେ ଗୁରୁବାର ଦିନ, ଅସ୍ତରଙ୍ଗ ପୋଲିସ ତରଫରୁ ୩୨/୨୬ ରେ ମାମଲା ରୁଜୁ କରାଯାଇ ଅସ୍ତରଙ୍ଗ ଥାନା ଏଏସଆଇ ପ୍ରଶାନ୍ତ ସାମନ୍ତରାୟ ଭୋର ପ୍ରାୟ ୪ ଘଟିକା ସମୟ ରେ ଆସାମୀ କୁ ମାଳଦା ଗ୍ରାମ ରୁ ଗିରଫ କରିଥିଲେ, ଘଟଣା ସ୍ଥଳରୁ ଶାବଳ ଓ କଟୁରୀ ଜବତ କରି ଆଜି ଉକ୍ତ ଯୁବକ ଙ୍କ ଡାକ୍ତରୀ ପରୀକ୍ଷା କରାଯାଇ ଆସାମୀ ଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଦୁଇ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ରାଉନ୍ସୁଗାର ଜବତ: ୩ ଅଭିଯୁକ୍ତ ଗିରଫ



ପାରାଦୀ(ମହାଭାରତ):ପାରାଦୀପ ଲକ୍ ଥାନା ଅଧିନସ୍ଥ ବାଲିଡିଆ ନିକଟସ୍ଥ ଚଉମୁହାଣୀ ଛକ ନିକଟରେ ତିନି ଜଣ ବ୍ୟକ୍ତି ବ୍ରାଉନ୍ସୁଗାର ବ୍ୟବସାୟ କରୁଥିବା ବେଳେ ପାରାଦୀପ ଲକ୍ ଥାନା ପୋଲିସ୍ ହାତରେ ଧରା ପଡିଛନ୍ତି। ସେମାନଙ୍କ ନିକଟରୁ ୨୧.୪୧ ଗ୍ରାମ ଓଜନର ବ୍ରାଉନ୍ସୁଗାର ଜବତ ହେବା ସହିତ ମୋବାଇଲ୍ ଓ ମୋଟର ସାଇକେଲ୍ ଜବତ ହୋଇଛି । ଘଟଣାରୁ ପ୍ରକାଶଯେ, ବୁଧବାର ଦିନ ପାରାଦୀପ ଲକ୍ ଥାନା ଅଧିନସ୍ଥ ବାଲିଡିଆ ନିକଟସ୍ଥ ଚଉମୁହାଣୀ ଛକ ନିକଟରେ ବ୍ରାଉନ୍ସୁଗାର ବିକ୍ରି ହେଉଥିବା ନେଇ ପୋଲିସ୍‌କୁ ଖବର ମିଳିଥିଲା । ପାରାଦୀପ ଏଏସପି ସ୍ମୃତିରଂଜନ କର ଏବଂ ଲକ୍ ଥାନା ଅଧିକାରୀ ରଶ୍ମିରଂଜନ ଦାସଙ୍କ ତତ୍ତ୍ୱାବଧାନରେ ପାରାଦୀପ ଲକ୍ ଥାନା ପୋଲିସ୍ ଘଟଣାରେ ସ୍ଥଳରେ ପହଂଚି ଘଟଣାସ୍ଥଳରୁ ନିକଟସ୍ଥ ବାଲିଡିଆ ଗ୍ରାମର ବିଚିତ୍ରାନନ୍ଦ ପ୍ରଧାନଙ୍କ ପୁଅ ବିକ୍ରମ ପ୍ରଧାନ, ଚଉମୁହାଣି ବାଲିଡିଆ ଗ୍ରାମର ହରେକୃଷ୍ଣ ଜେନାଙ୍କ ପୁଅ ବିଶ୍ୱଜିତ ଜେନା ଓ ବାଲିଡିଆ ଗ୍ରାମର ଦେବେନ୍ଦ୍ର ପ୍ରଧାନଙ୍କ ପୁଅ ରଂଜିତ ପ୍ରଧାନ(ଧାକୁଆ)ଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୨୧.୪୧ ଗ୍ରାମ ଓଜନର ବ୍ରାଉନ୍ସୁଗାର ଜବତ କରିବା ସହିତ ଓଡି-୨୧-୦୭୭୨ ମୋଟର ସାଇକେଲ୍ ଜବତ କରିଥିବା ନେଇ ପାରାଦୀପ ଲକ୍ ଥାନା ପୋଲିସ୍ ଗୁରୁବାର ଦିନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ବାର ବର୍ଷ ବୟସ ରେ ଅମର ରହିବେ ଶୁଭମ୍‌ୟ



ହାଟଡିହି ବାର ବର୍ଷ ବୟସ ରେ ଅମର ରହିବେ ଶୁଭମ୍।ମଣିଷ ଶରୀର ର ମୂଲ୍ୟ ବାନ ଅଙ୍ଗ କୁହା ଯାଉଥିବା ହୃତପିଣ୍ଡ ଓ ଯକୃତ ଦୁଇ ଜଣଙ୍କୁ ଦାନ କରିଅମର ରହିଲେ ବାର ବର୍ଷ ର ପୁଅ ଶୁଭମ୍।ଜୀବନ ଆରମ୍ଭ ପୂର୍ବରୁ ଚାଲିଗଲା ଜୀବନ। ଯାହାକି ଏପରି ଘାଟଣା ଦେଖିବାକୁ ମିଳିଥିଲା କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଜମ୍ବୀରା ଗ୍ରାମର ଉପେନ୍ଦ୍ର ଆଇଚ ଙ୍କ ୧୨ ବର୍ଷର ପୁଅ ଶୁଭମ୍ ଆଇଚ ଭାଗ୍ୟରେ। କେତେ ଆଶା ନେଇ ପୁରୀ ଯାଇଥିଲା ଜଗା ଦର୍ଶନ ପାଇଁ କିନ୍ତୁ ସମୁଦ୍ର କୂଳରେ ଜଗି ବସିଥିଲା କାଳ। ରାତି ପ୍ରାୟ ଗୋଟାଏ ସମୟ ରେ ଓଡ଼ି-୦୨- ସି କିଉ ୮୪୮୧ ନମ୍ବର ବିଶିଷ୍ଟ ଏକ ସ୍କର୍ପିଓ ଗାଡ଼ି ଧକ୍କା ଦେଇଥିଲା । ଏହି ଘଟଣା ୧୪ ତାରିଖ ରେ ଘଟିବା ପରେ ସେ କିମ୍ସ ମେଡିକାଲ ରେ ଚିକିତ୍ସିତ ହେଉଥିଲେ ।କିନ୍ତୁ ଡାକ୍ତର ବହୁ ଚେଷ୍ଟା ସ□େ ବଞ୍ଚାଇ ପରିଲେନାହିଁ ମରିବା ପୂର୍ବରୁ ଦେଇ ଗଲା ଅମୂଲ୍ୟ ଦୁଇ ଜୀବନ, ଯାହାକୁ ନେଇ ଝୁରୁଛନ୍ତି ପରିବାର ଲୋକ ବନ୍ଧୁ ପରିଜନ କୁନି କୁନି ସାଙ୍ଗ ମାନେ। ଦୁଇଟି ଗାଁ ର ସେଥିଲା ଗେ ପୁଅୟ ନିଜ ଗାଁ ଜମ୍ବୀରା ଓ ମାମୁ ଘର ଅଣା ରେ ସେ ରହି ପାଠ ପଢୁଥିଲା । ସେଥିପାଇଁ ସମସ୍ତ ଙ୍କ ମନରେଖେଳିଯାଇଛି ଅମାୟିତ ର ଶୋକ ।ମୃତ୍ୟୁ ପରେ ବି ସେ ଅମର ।ଚାଲିଗଲା ପରେବି ନିଜ ଅଙ୍ଗଦାନ କରି ୨ ଜଣଙ୍କୁ ଦେଲେ ନୂଆ ଜୀବନ ଶୁଭମ୍। ଶୁଭମ୍ ଜୀବନ ସହ ସଂଗ୍ରାମ କରି ଜୀବନ ଯୁଦ୍ଧରେ ହାରିଗଲେ ।ହେଲେ ମୃତ୍ୟୁ ପରେ ବି ସେ ଚିର ଅମର ହୋଇ ରହିଯାଇଛନ୍ତି ।ପରିବାର ଲୋକେ ବହୁ ପ୍ରୟାସ କରାଇଥିଲେ ବି ଶୁଭମ୍ ଙ୍କୁ ବଞ୍ଚାଇ ପାରିନଥିଲେ ।ୟଶୁଭମ୍ ଆଜି ନାହାନ୍ତି ସତ ହେଲେ ପ୍ରତିଟି ଅଙ୍ଗ ତାଙ୍କର ଅନ୍ୟ ମାନଙ୍କୁ ଦେଇଛି ନୂଆ ଜୀବନୟଶୁଭମ୍ ଙ୍କ ପରିବାରର ଏହି ମହତ୍ ଦାନ ତାଙ୍କୁ କରିଛି ଚିରସ୍ମରଣୀୟ ।ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଶ୍ମଶାନରେ ସମ୍ମାନଜନକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି।

## ବିଜେଡିର ଆସିକା ପୌରାଞ୍ଚଳ ନିର୍ବାଚନ ପାଇଁ ପ୍ରଥମ ସାଙ୍ଗଠନିକ ବୈଠକ




ଆସିକା(ମହାଭାରତ): ଆସିକା ବିଜେଡି କାର୍ଯ୍ୟାଳୟ ରେ ପୂର୍ବାହ୍ନ ରେ ବସିଥିଲା ଆସିକା ପୌର ନିର୍ବାଚନ ର ପ୍ରଥମ ସାଙ୍ଗଠନିକ ବୈଠକ । ଏହି ବୈଠକ ରେ ପୂର୍ବତନ ବିଧାୟକ ଙ୍କ ପୁଅ ନଚିକେତା ସ୍ୱାଇଁ, ଦିଲ୍ଲୀପ ପାଣିଗ୍ରାହୀ,ସୁଧାଂଶୁ ଶେଖର ପଣ୍ଡା, ନୂତନ ନଗର ସଭାପତି ତାରିଣୀ ସେନାପତି,ରଶ୍ମିତା ସେନାପତି, ପ୍ରସନ୍ତ ତ୍ରିପାଠୀ, ରବୀନ୍ଦ୍ର ସାମଲ, ସଚିଦାନନ୍ଦ ରାଉତ, ସୂର୍ଯ୍ୟ ପ୍ରକାଶ ରାଓ, ମୋହନ ରାଓ ଦୋରା ଅନିଲ ନାୟକ, ସନ୍ତୋଷ ନାୟକ, ରଞ୍ଜନ ବିଷୋୟୀ, ବୁଲୁ ପାଣିଗ୍ରାହୀ, କୈଳାସ ପ୍ରଧାନ, ଶିବ ଶତପଥି, ରୋସନ ବୈଠରୁ, ବିନୋଦ ପାତ୍ର,କାନ୍ହୁ ପାତ୍ର, ନିଗମାନନ୍ଦ ରାଉତ, ଜିତେନ୍ଦ୍ର ମହାରଣା, କାନ୍ହୁ ଦଳାଇ, ଦେବାଶିଷ ପଣ୍ଡା, ମନୋଜ ନାହାକ, ବିପିନ ଦଳାଇ, ନୀଳାଞ୍ଚଳ ମଣ୍ଡଳ, ପ୍ରଦୀପ ମୁନି, ରବୀନ ପାତ୍ର, କେଶବ ଦାସ, ପ୍ରଣବ ପାଢ଼ୀ ପ୍ରମୁଖ ଯୋଗ ଦେଇଥିବା ବେଳେ ମନୋଜ କୁମାର ଦୋରା ସଂଯୋଜନା କରିଥିଲେ। ପୌର ନିର୍ବାଚନ ରେ ପୁଣିଥରେ କିପରି ବିଜେଡି ନିଜ ଦାଖଲକୁ ଆଣିବ ସେ ଉପରେ ଆଲୋଚନ ହେବା ସହ ନୂତନ ଭବେ ମୁନ୍ସିପାଲଟି ରେ ମିଶିଥିବା ତିନୋଟି ଅଞ୍ଚଳରେ କିପରି ପ୍ରାର୍ଥୀ ଚୟନ କରାଯିବ ଓ ଆସିକା ମୁନ୍ସିପାଲଟି ର ୨୩ଟି ୱାର୍ଡ ବିଜେଡି କିପରି ଜିତିବ ସେଥିପାଇଁ ଖସଡ଼ା ପ୍ରସ୍ତୁତି ହୋଇଥିଲା।

## କାକଟପୁରରେ ଜର୍ଦ୍ଦା ମିଶ୍ରିତ ଗୁଟ୍ଖା ଦୋକାନ ରେ ଚଢ଼ାଉ



କାକଟପୁର(ମହାଭାରତ) : ରାଜ୍ୟ ସରକାର ଜର୍ଦ୍ଦା ମିଶ୍ରିତ ଗୁଟୁକା ଉପରେ ରୋକ ଲଗାଇବା ପରେ ଅନେକ ସ୍ଥାନ ରେ ଲୁକ୍କାୟିତ ଅବସ୍ଥା ରେ ଏହି ନିକୋଟିନ ଯୁକ୍ତ ଗୁଟୁକା ଜୋରଦାର ବ୍ୟବସାୟ ହେଉଛି, ଏପରିକି ଯେଉଁ ଗୁଟୁକା ର ଦାମ ୫ ଟଙ୍କା ଥିଲା ତାହାକୁ ଗ୍ରାହକ ମାନଙ୍କୁ ଚଢ଼ା ଦର ରେ ବିକ୍ରି କରାଯାଉଛି, କେହି କେହି ୮ ଟଙ୍କା ରେ ବିକ୍ରି କରୁଛନ୍ତି ତ କେହି କେହି ୧୦ ଟଙ୍କା ରେ ମଧ୍ୟ ବିକ୍ରି କରୁଛନ୍ତି, ଯାହାକୁ ନେଇ କାକଟପୁର ପୋଲିସ ତରଫରୁ କାକଟପୁର ବଜାର ରେ ବିଭିନ୍ନ ପାନ ଓ ଚା ଦୋକାନ ରେ ଚଢ଼ାଉ କରାଯାଇ ବିପୁଳ ପରିମାଣ ର ସଫଲ, ବିମଲ ଓ ଅନେକ ପ୍ରକାର ନିକୋଟିନ ମିଶ୍ରିତ ଜର୍ଦ୍ଦା ପାନ ମସଲା କୁ ଜବତ କରିବା ସହ ବ୍ୟବସାୟୀ ମାନଙ୍କୁ ସଚେତନତା କରାଇଛନ୍ତି। ଆଗାମୀ ଦିନ ରେ ଯେଉଁ ବ୍ୟବସାୟୀ ଏହି ନିକୋଟିନ ମିଶ୍ରିତ ଜର୍ଦ୍ଦା ଗୁଟୁକା କି ପାନ ମସଲା ବିକ୍ରି କରିବେ ତାହେଲେ ଆଇନ ଅନୁସାରେ ଉକ୍ତ ବ୍ୟବସାୟୀ ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚେତନତା କରାଯାଇଛି, କାକଟପୁର ପୋଲିସ ର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ବୁଦ୍ଧିଜୀବୀ ମାନେ ପ୍ରସଂଶା କରିଛନ୍ତି ।

## ରେଙ୍ଗାଲବେଡା ଗ୍ରାମରେ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରେ ଏକ ବୃହତ ଷ୍ଟିଲ କାରଖାନା ପ୍ରତିଷ୍ଠା କୁ ନେଇ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଜମି ଅଧିଗ୍ରହଣ ପାଇଁ ରେଙ୍ଗାଳ ବେଡା ଗ୍ରାମର ୩୮୩.୭୧ ଏକକର ଜମି ପାଇଁ ଏକ ଗ୍ରାମସଭା ଅନୁଷ୍ଠିତ ହୋଇ ଛି। ଏହି ଗ୍ରାମସଭା ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାଦସ ରଞ୍ଜନ ଦଣ୍ଡପାଟ ଙ୍କ ସଭାପତି ରେ ଅନୁଷ୍ଠିତ ହୋଇ ଛି। ଏହି ଗ୍ରାମସଭା ରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ,ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ,ସ୍ଥାନୀୟ ସରପଞ୍ଚ ହେମଲତା ନାଏକ,ସମିତି ସଭ୍ୟ ମନୋଜ ମହାନ୍ତ,ଇଡିକ ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ, ସହାରପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତ ରଞ୍ଜନ ମହାନ୍ତ, ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ଉପସ୍ଥିତି ଥିଲେ। ଏହି ଗ୍ରାମସଭା ରେ ରେଙ୍ଗାଲବେଡ଼ା ଗ୍ରାମ ର ପୁରୁଷ ମହିଳା,ବୃଦ୍ଧ ବୃଦ୍ଧା,ଅବନିତା ଦୁଇହଜାର ରୁ ଅଧିକ ଗ୍ରାମବାସୀ ଯୋଗଦାନ କରି ଜେଏସଡବ୍ଲୁ ଷ୍ଟିଲ କାରଖାନା ପ୍ରତିଷ୍ଠା ହେବା ଦ୍ୱାରା ଗ୍ରାମବାସୀ ମାନ ଙ୍କୁ ଜେଏସଡବ୍ଲୁ କଣ ଯୋଗାଇ ଦେବ ଓ ଗ୍ରାମବାସୀ ଜମି ଅଧିଗ୍ରହଣ ମୂଲ୍ୟ କୁ ନେଇ ଦାବି ରଖିଛନ୍ତି। ତାହା ହେଉ ଛି ରାଜପଥ କଡ ରୁ ପାଞ୍ଚଶହ ମିଟର ମଧ୍ୟର ଜମି ର ମୂଲ୍ୟ ଏକକର ପିଛା ୫୦କୋଟି ଓ ରାଜପଥ ରୁ ଏକ କିଲୋମିଟର ଦୂର ଜମି ୭୫କୋଟି ସହିତ ଗ୍ରାମର ଶିକ୍ଷିତ ଯୁବକ ଯୁବତୀ ମାନ ଙ୍କୁ କାରଖାନା ରେ ନିଯୁକ୍ତି, ବୃଦ୍ଧ ବୃଦ୍ଧା ମାନଙ୍କୁ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ କେନ୍ଦ୍ର,ତାଲିମ କେନ୍ଦ୍ର ପ୍ରତିଷ୍ଠା ଭଳି ଦାବି ରେଙ୍ଗାଲବେଡ଼ା ଗ୍ରାମବାସୀ କରିଚନ୍ତି। ଗ୍ରାମବାସୀ ଙ୍କ ଏହି ଦାବି ଗୁଡ଼ିକୁ ଅତିରିକ୍ତ ଜିଲ୍ଲାପାଳ ସରକାର ଙ୍କ ପାଖ ରେ ଉପସ୍ଥାପନା କରିବାକୁ ସୂଚନା ଦେଇ ଛନ୍ତି। ଏଥି ସହିତ ରେଙ୍ଗାଲବେଡ଼ା ନିକଟସ୍ଥତ ଗ୍ରାମ ବରୁଡ଼ିପଶି,ଚେମଣା,ଚିଲଦା,ବଡ ଡାଙ୍ଗୁଆ,ଯମୁନାପଶି, କଡଖମଣ ଆଦି ଗ୍ରାମବାସୀ ଜମି ଅଧିଗ୍ରହଣ କୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳୁଛି। ଗ୍ରାମସଭା କୁ ଆଖି ଆଗରେ ରଖି ଆଇନ ଶୃଙ୍ଖଳା ନିମନ୍ତେ ଜିଲ୍ଲା ଅତିରିକ୍ତ ଆରକ୍ଷକ ଅଧିକ୍ଷକ ଜ୍ୟୋତ୍ରୀ ମୟୀ ଭୁକ୍ତା ଙ୍କ ନେତୃତ୍ୱ ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ତଥା ପୋଲିସ ଫର୍ସ ମୁତୟନ କରାଯାଇ ଛି।

## ଅର୍ଥ ରକ୍ଷକ ସାଜିଲେ ଭକ୍ଷକ

# ୩୦ ଲକ୍ଷ ଟଙ୍କା ହଡ଼ପ କରି ବ୍ୟାଙ୍କ ମ୍ୟାନେଜର ଗିରଫ



ନୟାଗଡ଼, ( ମହାଭାରତ ) : ଅର୍ଥ ରକ୍ଷକ ସାଜିଲେ ଭକ୍ଷକ। ୩୦ ଲକ୍ଷ ଟଙ୍କା ହଡ଼ପ କରି ବ୍ୟାଙ୍କ ମ୍ୟାନେଜର ଗିରଫୟ ନୟାଗଡର ପୂର୍ବତନ ଡି.ସି.ବି ବ୍ୟାଙ୍କ ମ୍ୟାନେଜର ବା ବର୍ତ୍ତମାନ ର ବାଲିଗୁଡ଼ା ବନ୍ଧନ ବ୍ୟାଙ୍କରେ କାର୍ଯ୍ୟରତ ମ୍ୟାନେଜର ହିମାଂଶୁ ଶେଖର ସ୍ୱାଇଁ ଓରଫ ବାବା ଙ୍କୁ ବଡ ଧରଣର ଅର୍ଥ ଠକେଇ ମାମଲା ରେ ନୟାଗଡ ପୋଲିସ ଦ୍ୱାରା ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ହିମାଂଶୁ ଙ୍କ ନାମରେ ଠକେଇ ଅଭିଯୋଗ ଆଣିଥିଲେ ନୟାଗଡ଼ ଶୁଭ୍ରାଂଶୁ ଶେଖର ପୃଷ୍ଟି ଏବଂ ତାଙ୍କ ଧର୍ମପତ୍ନୀ ସୋମାରାଣୀ ପୃଷ୍ଟିୟ ଶୁଭ୍ରାଂଶୁଙ୍କ ଅଭିଯୋଗ ମୁତାବକ ତାଙ୍କର ମେସର୍ସ ଅନ୍ନପୂର୍ଣ୍ଣା ଡିଷ୍ଟ୍ରିବ୍ୟୁଟର ନାମକ ଏକ ସଂସ୍ଥା ଥିଲା। ଏହି ବ୍ୟବସାୟ ନିମନ୍ତେ ସେ ଡିସିବି ବ୍ୟାଙ୍କରୁ ୨୯ ଜାନୁଆରୀ ୨୦୧୬ରେ ୪୭ ଲକ୍ଷ ୭୪ ହଜାର ୮୩୭ ଟଙ୍କାର ସିସି ଋଣ କରିଥିଲେ। ଏହାର ଠିକ୍ ଦେଣନେଣ କରିଥିବାରୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ପର୍ଯ୍ୟାୟ କ୍ରମେ ଏହି ଋଣକୁ ୬୦ ଲକ୍ଷ ପର୍ଯ୍ୟନ୍ତ ବଢ଼ାଇଥିଲେ। ମାତ୍ର ୨୦୨୦ରେ କରୋନା ମହାମାରି ଆସିବାରୁ ଶୁଭ୍ରାଂଶୁ ଙ୍କ ବ୍ୟବସାୟ ମାନ୍ଦା ହେବାରୁ ପରିବାର ଲୋକଙ୍କ ପରାମର୍ଶ କ୍ରମେ ୯ ଡେସିମିଲ ଜାଗା ବିକ୍ରି କରି ଏହି ଋଣ ଶୁଝିବାକୁ ସେ ସ୍ଥିର କଲେ। ଜଣେ କ୍ରେତା ଏହାକୁ ୪୮ ଲକ୍ଷ ଟଙ୍କାରେ କିଣିବା ପାଇଁ ରାଜି ହୋଇଥିଲେ। ମାତ୍ର ସେ ଏକକାଳୀନ ଏତେ ଟଙ୍କା ଦେବାକୁ ରାଜି ହେଲେ ନାହିଁ। ଯେହେତୁ ଶୁଭ୍ରାଂଶୁଙ୍କର ତୁରନ୍ତ ଟଙ୍କା ଆବଶ୍ୟକ ଥିଲା, ସେ ବ୍ୟାଙ୍କ ର ଣ ପରିଶୋଧ ପାଇଁ ନଗଦ ୧୦ ଲକ୍ଷ ଟଙ୍କା ଓ ୪ ଲକ୍ଷ ଟଙ୍କାର ଦୁଇଟି ଚେକ୍ ଦେଇଥିଲେ। ପରେ ଅବଶିଷ୍ଟ ଟଙ୍କା ପର୍ଯ୍ୟାୟ କ୍ରମେ ସେ ଦେଇଥିଲେ। ଏହି ୧୦ ଲକ୍ଷ ଟଙ୍କାକୁ ଶୁଭ୍ରାଂଶୁ ତାଙ୍କ ପତ୍ନୀଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରାଇଥିଲେ। ଏହି ଟଙ୍କାକୁ ବ୍ୟାଙ୍କ୍ ମ୍ୟାନେଜର ହିମାଂଶୁ ଶେଖର ସ୍ୱାଇଁ ତାଙ୍କ ଋଣ ଆକାଉ□ରେ ଜମା କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ସେ ଶୁଭ୍ରାଂଶୁଙ୍କ ବିନା ଅନୁମତିରେ ଏହି ଟଙ୍କାକୁ ଫିକ୍ସ ଡିପୋଜିଟ୍ କରାଇ ଦେଇଥିଲେ। ଏ ନେଇ ଶୁଭ୍ରାଂଶୁ ବ୍ୟାଙ୍କ ମ୍ୟାନେଜର ହିମାଂଶୁ ଶେଖର ସ୍ୱାଇଁ ଙ୍କୁ ପଚାରିବାରୁ ଫିକ୍ସ ଡିପୋଜିଟ୍ ପାଇଁ ଚାପ ଆସିଥିବାରୁ ସେ ଏମିତି କରିଛନ୍ତି ବୋଲି କହିଥିଲେ। ଦୁଇ ଦିନ ପରେ ଏହି ଟଙ୍କାକୁ ପୁଣି ଥରେ ସେ ଋଣ ଆକାଉଣ୍ଟକୁ ପଠାଇ ଦେଇଥିଲେ। ଏହାର କିଛି ଦିନ ପରେ ବ୍ୟାଙ୍କ୍ ମ୍ୟାନେଜର ହିମାଂଶୁ ଶେଖର ସ୍ୱାଇଁଙ୍କୁ ଶୁଭ୍ରାଂଶୁ ଙ୍କ ପତ୍ନୀ ସୋମାରାଣୀ ପାତ୍ରଙ୍କ ଆକାଉଣ୍ଟରେ ଶୁଭ୍ରାଂଶୁ ଅଢ଼େଇ ଲକ୍ଷର ୪ଟି ଚେକ୍ ଓ ଜମି ବିକ୍ରି ବାବଦକୁ ଆସିଥିବା ୨୨ଲକ୍ଷ, ୨୮ହଜାର ୭୬୦ ଟଙ୍କା ଜମା କରିବାକୁ ସେ ଦେଇଥିଲେ। ଯେହେତୁ ବ୍ୟାଙ୍କ ମ୍ୟାନେଜର ହିମାଂଶୁ ଶେଖର ସ୍ୱାଇଁ ଙ୍କ ସହ ସମ୍ପର୍କ ବଢ଼ି ଚାଲିଥିଲା, ସେଥିପାଇଁ ଶୁଭ୍ରାଂଶୁ ସମସ୍ତ ଟଙ୍କା ଦେଣନେଣ ତାଙ୍କ ମାଧ୍ୟମରେ କରାନ୍ତି। ମାତ୍ର ଶୁଭ୍ରାଂଶୁଙ୍କୁ ଠକି ବ୍ୟାଙ୍କ ମ୍ୟାନେଜର ହିମାଂଶୁ ତାଙ୍କୁ ୩୦ ଲକ୍ଷ ଟଙ୍କାର ଚୂନ ଲଗାଇଥିଲେ। ଏପଟେ ଋଣ ଶୁଝୁନଥିବାରୁ ବ୍ୟାଙ୍କ୍ ପକ୍ଷରୁ ତାଙ୍କୁ ବାରମ୍ବାର ନୋଟିସ୍ କରାଯାଇଥିଲା। ଫଳରେ ଶୁଭ୍ରାଂଶୁ ପ୍ରବଳ ମାନସିକ ଅଶାନ୍ତି ମଧ୍ୟରେ ରହି ଶେଷରେ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଶୁଭ୍ରାଂଶୁ ଶେଖର ପୃଷ୍ଟିଙ୍କ ଅଭିଯୋଗ ଆଧାରରେ ଟାଉନ ଥାନା ପୁଲିସ ତାଙ୍କୁ ସେଠାରୁ ଉଠାଇ ଆଣି କୋର୍ଟ ଚାଲାଣ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଶୁଭ୍ରାଂଶୁ ଓ ତାଙ୍କ ପତ୍ନୀ ସୋମାରାଣୀ ଏ ନେଇ ନୟାଗଡ଼ ଏସ୍ପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଓ ଟାଉନ ଥାନା ଇନ୍ସପେକ୍ଟର ରଶ୍ମିରଞ୍ଜନ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ବର୍ତ୍ତମାନ ଶୁଭ୍ରାଂଶୁ ଙ୍କ ନାଁରେ ଗଡୁଥିବା ଋଣକୁ ବ୍ୟାଙ୍କ୍ ତୁରନ୍ତ ଛାଡ଼ କରି ପୂର୍ବତନ ଡିସିପି ବ୍ୟାଙ୍କ ମ୍ୟାନେଜର ହିମାଂଶୁ ଶେଖର ସ୍ୱାଇଁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶୁଭ୍ରାଂଶୁ ନିବେଦନ କରିଛନ୍ତି।

## ବ୍ରେଡ ମଲାଇ ରୋଲ

ଆବଶ୍ୟକୀୟ ସାମଗ୍ରୀ : ଗୋଟିଏ ଚାମଚ ଲହୁଣୀ, କ୍ଷୀର ଗୋଟେ କପ, ୨ଚାମଚ କ୍ରିମ, ୨କପ ମିଲ୍କ ପାଉଡର, ଚିନି ଏକ କପ, ଗୁଜୁରାତି ପାଉଡର ଏକ ଚାମଚ,ବ୍ରେଡ ପିସ ୪ଟି, କାଜୁ ୪ଟି, ବାଦାମ ୪ଟି, କେଶର ଯୁକ୍ତ କ୍ଷୀର ୨ଚାମଚ, ଚେରି।

ପ୍ରସ୍ତୁତ ପ୍ରଣାଳୀ: ଏକ ତାୱା ଗରମ କରି ସେଥିରେ ଏକ କପ କ୍ଷୀର, କ୍ରମି, ଏକ ଚାମଚ ଲହୁଣୀ ଦିଅନ୍ତୁ । ଭଲ ଭାବେ ହଲାଇ ମିଶାଇ ଦିଅନ୍ତୁ । ଏବେ ସେଥିରେ କିଛି ମିଲ୍କ ପାଉଡର ଦିଅନ୍ତୁ ଓ ଭଲ ଭାବେ ମିଶାଇ ଦିଅନ୍ତୁ । ମିଶ୍ରଣଟି ବହଳିଆ ହେବା ପରେ ତାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଏବେ ଏକ କଡାଇରେ ଏକ କପ କ୍ଷୀର ଗରମ କରନ୍ତୁ । ସେଥିରେ ବଳକା ଥିବା କ୍ରିମ ଦିଅନ୍ତୁ । ଏବେ ସେଥିରେ ଚିନି ଦିଅନ୍ତୁ । ଚିନି ଯେମିତି ଭଲ ଭାବେ ମିଶିଯିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏବେ ସେଥିରେ ଗୁଜୁରାତି ଗୁଣ୍ଡ ଦିଅନ୍ତୁ । ଏବେ ବ୍ରେଡ ସ୍ଲାଇସ ନିଅନ୍ତୁ ଓ ତାର ଚାରି ପାଖରେ ଟ୍ରିମିଙ୍ଗ ରୋଲ କରନ୍ତୁ । ଏକ ଚାମଚ ମାବା ପେଷ୍ଟ ଓ କଟା ଯାଇଥିବା କାଜୁ ଓ ବାଦାମ ଭଲ ଭାବେ ଲଗାନ୍ତୁ । ଏବେ ତାକୁ ମୋଡି ଏକ ଟାଇମ ରୋଲ ପ୍ରସ୍ତୁତ କରନ୍ତୁ । ଏବେ ଏହି ରୋଲ ଗୁଡିକୁ ଧୀରେ ଧୀରେ କ୍ଷୀରରେ ପକାନ୍ତୁ । ପ୍ରସ୍ତୁତ ହେବା ପରେ ଭଲ ଭାବେ ଥଣ୍ଡା କରି ଦିଅନ୍ତୁ । ଥଣ୍ଡା ହେବା ପରେ ପରଷନ୍ତୁ ।



ଖବର

## ରୁଦ୍ରାକ୍ଷର ଧାର୍ମିକ ମହତ୍ତ୍ୱ



ଦ୍ରାକ୍ଷ ଏକମାତ୍ର ଏମିତି ଫଳ ଯାହାର ଧର୍ମ, କର୍ମ, ଅର୍ଥ ଏବଂ ମୋକ୍ଷ ପ୍ରଦାନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ଶିବ ପୁରାଣ, ପଦ୍ମ ପୁରାଣ, ରୁଦ୍ରାକ୍ଷକଳ୍ପ, ରୁଦ୍ରାକ୍ଷ ମାହାତ୍ମ୍ୟ ଆଦି ରୁଦ୍ରାକ୍ଷ ମହିମା ସମ୍ପର୍କରେ ଉଲ୍ଲେଖ ରହିଛି । ରୁଦ୍ରାକ୍ଷ ସମସ୍ତଙ୍କ ଲଭଦାୟୀ । କିନ୍ତୁ ମୁଖ ଅନୁସାରେ ଏହାର ମହତ୍ୱ ଭିନ୍ନ ଭିନ୍ନ ରହିଥାଏ । ପ୍ରତ୍ୟେକ ରୁଦ୍ରାକ୍ଷ ଉପରେ ଧାରା ରହିଥାଏ । ଧାରା ଅନୁଯାୟୀ ରୁଦ୍ରାକ୍ଷର ମୁଖ ନିର୍ଣ୍ଣୟ ହୋଇଥାଏ । ରୁଦ୍ରାକ୍ଷ ଏକମୁଖୀରୁ ଏକୋଇଶ ମୁଖୀ ରହିଛି ।

ଧାର୍ମିକ ମାନ୍ୟତା ଅନୁସାରେ ଯେଉଁ ଘରେ ନିୟମିତ ରୁଦ୍ରାକ୍ଷ ପୂଜା ହୋଇଥାଏ । ସେଠାରେ ଅନ୍ନ, ବସ୍ତ୍ର, ଧନର ଅଭାବ ରହେନାହିଁ । ଏମିତି ଘରେ ସର୍ବଦା ମା ଲକ୍ଷ୍ମୀ ବାସ କରନ୍ତି । ବିଶ୍ୱାସ ରହିଛି ଯେ ରୁଦ୍ରାକ୍ଷ ଧାରଣ କରୁଥିବା ବ୍ୟକ୍ତି କିମ୍ବା ପୂଜା କରୁଥିବା ବ୍ୟକ୍ତି ଶେଷ ସମୟରେ ଶରୀରକୁ ତ୍ୟାଗ କରି ଶିବଲୋକରେ ସ୍ଥାନ ପ୍ରାପ୍ତ କରିଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ସତୀଙ୍କ ଦେହ ତ୍ୟାଗରେ ଶିବ ଅତ୍ୟନ୍ତ ଦୁଖୀ ହୋଇଯାଇଥିଲେ । ଶିବଙ୍କ ଆଖିରୁ ଝରିଥିବା ଲୁହ ଯେଉଁଠାରେ ପଡିଥିଲା । ସେଠାରେ ରୁଦ୍ରାକ୍ଷ ଉତ୍ପନ୍ନ ହୋଇଥିଲା । ସେଥିପାଇଁ ଶନି ଚନ୍ଦ୍ରମାଙ୍କୁ ପୀଡିତ କରି ଆପଣଙ୍କୁ କଷ୍ଟ ଦିଅନ୍ତୁ, ରୁଦ୍ରାକ୍ଷ ସବୁ ଦୃଷ୍ଟିରୁ ଫଳଦାୟୀ ହୋଇଥାଏ ।

ଯଦି କୁଣ୍ଡଳୀରେ କଳସର୍ପ ଦୋଷ ଥାଏ ଏବଂ ଜୀବନରେ ସମସ୍ୟା ଦେଖାଦିଏ ତାହେଲେ ରୁଦ୍ରାକ୍ଷ ଧାରଣ କଲେ ଅନୁକୂଳ ଫଳ ପ୍ରାପ୍ତ ହୋଇଥାଏ । ଯଦି କୌଣସି ଶୁଭ ଦିନରେ ଗଙ୍ଗା ସ୍ନାନ କରିବାକୁ ଚାହୁଁଛନ୍ତି ଏବଂ କୌଣସି କାରଣବଶତଃ ଗଙ୍ଗାକୂଳକୁ ଯାଇ ନ ପାରନ୍ତି ତାହେଲେ ରୁଦ୍ରାକ୍ଷକୁ ମୁଣ୍ଡରେ ରଖି ଭଗବାନ ଶିବଙ୍କୁ ଧ୍ୟାନ କଲେ ଗଙ୍ଗା ସ୍ନାନର ଫଳ ପ୍ରାପ୍ତ ହୋଇଥାଏ ।

## ଏହି ସ୍ଥାନରେ ରଖନ୍ତୁ ଶଙ୍ଖ, ଟଙ୍କାରେ ଭରିଯିବ ଘରି

ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଶଙ୍ଖ ରହିବା ଶୁଭ ବୋଲି କୁହାଯାଏ । ଏଥିରେ ପରିବାରରେ ଖୁସି ଆସିବା ସହ ଶୁଭ ଖବର ମିଳିଥାଏ । ଶଙ୍ଖକୁ ଠାକୁରଘରେ ରଖିବା ଅଧିକ ଶୁଭ ବୋଲି ସମସ୍ତେ ମାନିଥାନ୍ତି । ଖାଲି ସେତିକି ନୁହେଁ, ଏହା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ । ଘରର ସମସ୍ତ ଆର୍ଥିକ ସମସ୍ୟା ଦୂର ହେବା ସହ ପରିବାରର ଆୟ ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏହିନ୍ଦୁ ଧର୍ମର ମାନ୍ୟତା ଅନୁସାରେ ଶଙ୍ଖ ମା ଲକ୍ଷ୍ମୀ ଏବଂ ବିଷ୍ଣୁଙ୍କ ଅତି ପ୍ରିୟ । ଠାକୁର ଘରେ ଶଙ୍ଖ ରଖିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଖେଳିଥାଏ ଏବଂ ପରିବାରରେ ଶାନ୍ତି ବିରାଜମାନ କରିଥାଏ । ବାସ୍ତୁ ଶାସ୍ତ୍ର ଅନୁସାରେ ଠାକୁରଘରେ ଥିବା ଜଳପାତ୍ର କେବେ ବି ଖାଲି ରଖିବା ଉଚିତ ନୁହେଁ । ଏମିତି ହେବା ଦ୍ୱାରା ନାନା ସମସ୍ୟା ଦେଖାଦେଇଥାଏ । ଏହି ପାତ୍ରରେ ତୁଳସୀ କିମ୍ବା ଗଙ୍ଗାଜଳ ରଖିବା ଉଚିତ।



## ଖଜୁରୀ ଖାଇବାର ଫାଇଦା

ଯଦି ଆପଣ ଡ଼ାଏଟରେ ମିଠା ଅନ୍ତର୍ଭୂକ୍ତ କରିବାକୁ ଚାହୁଁଛନ୍ତି ତେବେ ଏଥିରେ କିଛି ଭୁଲ ନାହିଁ। ଏହା ପରିବର୍ତ୍ତେ,ଆପଣ ଶକ୍ତି ପାଇବେ ଏବଂ ଫିଟ ଅନୁଭବ କରିବେ । ଯଦି ଆପଣ ଖଜୁର ଖାଇବାକୁ ପସନ୍ଦ କରନ୍ତି । ତେବେ ଏହା ଆପଣଙ୍କ ପାଇଁ ଅଧିକ ଖୁସି ଖବର। ଖଜୁର ଉଭୟ ଶରୀର ଏବଂ ମନ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

ଆପଣ ଜାଣନ୍ତି କି,ଗୋଟିଏ ସପ୍ତାହ ପାଇଁ ପ୍ରତିଦିନ ତିନିଟି ଖଜୁର ଖାଇ ଆପଣ ଅନେକ ରୋଗ ଦୂର କରିପାରିବେ। ଆସନ୍ତୁ ଜାଣିବା ପ୍ରତିଦିନ ଖଜୁର ଖାଇବାର ଉପକାର।

ଖଜୁରରେ କୋଲନ କର୍କଟ ହେବାର ଆଶଙ୍କା କମଥାଏ। ହଜମ ପାଇଁ ଖଜୁର ଭଲ ବୋଲି ବିବେଚନା କରାଯାଏ। ପ୍ରତିଦିନ ଖଜୁରୀ ଖାଇବା ପେଟକୁ ଠିକ ରଖେ ଏବଂ କ୍ଷତିକାରକ ଜୀବାଣୁ ମଧ୍ୟରେ ଦୂରରେ ରୁହନ୍ତି। ହଜମ ପ୍ରକିୟା ଠିକ ଭାବରେ ପରିଚାଳିତ ହେଲେ କୋଲନ କର୍କଟ ହେବାର ଆଶଙ୍କା କମିଯାଏ।

ଖଜୁରୀ ସବୁବେଳେ ଶକ୍ତି ଦେଇଥାଏ। ଖଜୁରୀ ଗୁଡ଼ିକରେ ପ୍ରାକୃତିକଚିନି,ଗ୍ଲୁକୋଜ,ଫ୍ରୁକଟୋଜ ଏବଂ ସୁକ୍ରୋଜ ଥାଏ। ଯାହାକି ଆପଣ ଯେତେବେଳେ ଆବଶ୍ୟକ କରନ୍ତି ଯେତେବେଳେ ଆବଶ୍ୟକ କରନ୍ତି ତୁରନ୍ତ ଶକ୍ତି ପ୍ରଦାନ କରନ୍ତି। ଖଜୁରୀ ଗୁଡ଼ିକରେ ଫାଇବର, ପୋଟାସିୟମ, ମାଗ୍ନେସିୟମ, ଭିଟାମିନ ଏବଂ ଆଣ୍ଟିଅକ୍ସିଡ଼ାଣ୍ଟ ଥାଏ ଯାହା ଶକ୍ତି ସ୍ତର ବଜାୟ ରଖେ।



ଡ଼ାଇଜେସନରେ ଉନ୍ନତି ଆଣିଥାଏ। ଯଦି ତୁମେ ତୁମର ହଜମ ପ୍ରକିୟାକୁ ଭଲ ରଖିବାକୁ ଚାହଁଛ, ତେବେ ଖଜୁରୀ ଖାଇବା ତୁମ ପାଇଁ ଏକ ଉତ୍ତମ ବିକଳ୍ପ। ଆପଣ କେବଳ ଗୋଟିଏ କପ ଖଜୁରୀରେ ୧୨ଗ୍ରାମ ଫାଇବର ପାଇବେ,ଯାହା ଆପଣଙ୍କର ନିୟମିତ ଖାଦ୍ୟରେ ୪୮ପ୍ରତିଶତ ଅଟେ।ଖଜୁରୀ ଗୁଡ଼ିକରେ ଭିଟାମିନ ବି୬ଥାଏ। ଯାହା ଶରୀରକୁ ସେରୋଟୋନିନ ଏବଂ ନୋରପାଇଫ୍ରିନ ତିଆରି କରିବାରେ ସାହାର୍ଯ୍ୟ କରି ଥାଏ। ସେରୋଟୋର୍ନିନ ମନୋବଳକୁ ନିୟନ୍ତ୍ରଣ କରିଥାଏ ଏବଂ ନୋରପାଇଫ୍ରିନ ଶରୀରକୁ ଚାପକୁ ସାମ୍ନା କରିବାରେ ସାହାଯ୍ୟ କରିଥାଏ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଭିଟାମିନ ବି ୬ର ଅନବତି ମଧ୍ୟ ଅବସାଦର କାରଣ ହୋଇପାରେ।

## ସାବଧାନ! ରାତିରେ ଭାତ ଖାଇଲେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ



ଭାତ ଆମ ଦୈନନ୍ଦିନ ଖାଦ୍ୟ ତାଲିକାର ଏକ ପ୍ରମୁଖ ଉପାଦାନ। ଅଧିକାଂଶ ଲୋକ ଗୋଟିଏ ଦିନରେ ଏକାଧିକ ଥର ଭାତ ଖାଇଥାନ୍ତି। କିନ୍ତୁ ଜାଣନ୍ତି କି ରାତିରେ ଭାତ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ? ଭାତ ଖାଇବା ଦ୍ୱାରା ମେଦବହୁଳତା ବୃଦ୍ଧିପାଏ ବୋଲି ଜାଣିଥିବେ, କିନ୍ତୁ ଏହି କାରଣରୁ ଅନ୍ୟ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ହୋଇପାରେ। କେଉଁମାନେ ରାତିରେ ଭାତ ଖାଇବା ଅନୁଚିତ, ଜାଣନ୍ତୁ...

ମେଦବହୁଳତା ବୃଦ୍ଧି ହେବାର ଆଶଙ୍କା

ରାତିରେ ଭାତ ଖାଇବା ଦ୍ୱାରା ଓଜନ ବୃଦ୍ଧି ହେବାର ଆଶଙ୍କା ବଢିପାରେ। ଚାଉଳରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ, ଯାହା ଶରୀରରେ ଚର୍ବି ବୃଦ୍ଧି କରିପାରେ। ଯଦି ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ରାତ୍ରି ଭୋଜନରେ ଭାତ ଖାଇବାଠୁ ଦୂରେଇ ରୁହନ୍ତୁ।

ମଧୁମେହ ରୋଗୀ

ମଧୁମେହ ରୋଗୀ ରାତିରେ ଆଦୌ ଭାତ ଖାଇବା କଥା ନୁହେଁୟ କାରଣ ଏଥିରେ ଶର୍କରା ଥାଏ। ଚାଉଳରେ ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବାରୁ ଏହା ରକ୍ତରେ ଶର୍କରା ସ୍ତରକୁ ଶୀଘ୍ର ବଢାଇପାରେ। ଏପରି ହେଲେ ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଆହୁରି ବିଗିଡ଼ି ଯାଇପାରେ।

ହଜମ ପ୍ରକ୍ରିୟା ସମସ୍ୟା

ଯେଉଁମାନଙ୍କର ହଜମ ପ୍ରକ୍ରିୟାରେ ସମସ୍ୟା ଥିବ, ସେମାନେ ରାତିରେ ଭାରତ ଖାଆନ୍ତୁ ନାହ। କାରଣ ଭାତ ହଜମ ହେବାକୁ ଅଧିକ ସମୟ ନେଉଥିବା ବେଳେ ରାତିରେ ହଜମ ପ୍ରକ୍ରିୟା ମ୍ୟର ହୋଇଯାଏ। ଏପରି ସମସ୍ୟା ଥିବା ଲୋକେ ଯଦି ରାତିରେ ଭାତ ଖାଆନ୍ତି ତେବେ, ସେମାନଙ୍କର କୋଷ୍ଠକାଠିନ୍ୟ, ଅମ୍ଳତା ଏବଂ ଅନ୍ୟାନ୍ୟ ହଜମ ସମସ୍ୟା ହୋଇପାରେ।

ଆର୍ଥ୍ରାଇଟିସ୍ ରୋଗୀ

ଆର୍ଥ୍ରାଇଟିସ୍ ରୋଗୀ ରାତିରେ ଭାତ ଖାଇବା ଅନୁଚିତ। ଚାଉଳରେ ଏପରି ଉପାଦାନ ଥାଏ ଯାହା ଶରୀରରେ ପ୍ରଦାହକୁ ବଢାଇପାରେ, ଫଳରେ ଆର୍ଥ୍ରାଇଟିସ ରୋଗୀଙ୍କ ଯନ୍ତ୍ରଣା ବଢିଯାଇଥାଏ।

ଶୋଇବା ସମ୍ବନ୍ଧୀୟ ସମସ୍ୟା

ଭାତ ଖାଇବା ଦ୍ୱାରା ଶରୀରରେ ଟ୍ରାଇପ୍ଟୋଫାନର ପରିମାଣ ବଢିଯାଏ, ଯାହା ଶୋଇବାରେ ସାହାଯ୍ୟ କରିଥାଏ। ତଥାପି, ଏହା କିଛି ଲୋକଙ୍କଠାରେ ସମସ୍ୟା ସୃଷ୍ଟି କରିପାରେ ଏବଂ ସେମାନଙ୍କର ଶୋଇବା ଗୁଣ ଉପରେ ପ୍ରଭାବ ପକାଇପାରେ। ଯଦି ଶୋଇବା ସମସ୍ୟା ଅଛି, ତେବେ ରାତିରେ ଭାତ ଖାଇବାଠାରୁ ଦୂରେଇ ରୁହନ୍ତୁ।


ରାତିରେ କଣ ଖାଇପାରିବେ

ରାତିରେ ଚାଉଳ ବଦଳରେ ଶସ୍ୟଜାତୀୟ ଖାଦ୍ୟ, ଓଟ୍ସ କିମ୍ବା ଅନ୍ୟାନ୍ୟ ହାଲୁକା ଏବଂ ପୁଷ୍ଟିକର ଖାଦ୍ୟ ଖାଇପାରିବେ। ଏହା କେବଳ ହଜମ କରିବାରେ ସାହାଯ୍ୟ କରିବ ନାହିଁ, ବରଂ ସ୍ୱାସ୍ଥ୍ୟକୁ ମଧ୍ୟ ଭଲ ରଖିବ।



## ବସିବା ଅଭ୍ୟାସ ଶରୀରକୁ ପହଞ୍ଚାଏ ହାନି

ସାଧାରଣତଃ ଆଜିକାଲିର ଯୁବପୀଢି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେବା ପାଇଁ ବିଭିନ୍ନ ଚାଲିଚଳନକୁ ଆପଣାଇଥାନ୍ତି । ଅଧିକାଂଶ ଯୁବକଯୁବତୀ ଏବେ ବସିବା ସମୟରେ ସିଧା ହୋଇ ନବସି ଗୋଡ ଉପରେ ଗୋଡ ପକାଇ କରି ବସୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର ଏହି ବସିବା ଷ୍ଟାଇଲ ଆପଣଙ୍କ ଶରୀରକୁ ହାନି ପହଞ୍ଚାଇଥାଏ । ଆସନ୍ତୁ ଜାଣିବା ଏପରି ବସିବା ଶରୀର ଉପରେ କ'ଣ ପ୍ରଭାବ ପକାଇଥାଏ ।



ପେଲଭିକ୍ ଇନବାଲାନ୍ସ: ଏପରି ବସିବା ଦ୍ୱାରା ମଣିଷ ଶରୀରର ପେଲଭିକ୍ ମାଂସପେଶୀ ଅସନ୍ତୁଳନ ହୋଇଥାଏ । ଏପରି ପ୍ରତିଦିନ ଅଧିକ ଘଣ୍ଟା ବସିବା ଦ୍ୱାରା ଜଙ୍ଘ ସଙ୍କିଚତ, ଫୁଲିବା ଇତ୍ୟାଦି ସମସ୍ୟା ଦେଖିବାକୁ ମିଳିଥାଏ ।

ବ୍ଲଡ ସର୍କୁଲେସନ ଉପରେ ପ୍ରଭାବ

ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା କେବଳ ବ୍ଲଡ ପ୍ରେସର ନୁହେଁ ବରଂ ବ୍ଲଡ ସର୍କୁଲେସନ ମଧ୍ୟ ପ୍ରଭାବିତ ହୋଇଥାଏ । ଏପରି ସ୍ଥିତିରେ ବସିବା ସମୟରେ ଦୁଇଟି ଯାକ ଗୋଡରେ ସମାନ ପରିମାଣରେ ବ୍ଲଡ ସକୁ୍ୟଲେସନ ହୋଇନଥାଏ । ଏହି କାରଣରୁ ଗୋଡ ଝିମିଝିମ୍ ହୋଇଯାଇଥାଏ ।

ବ୍ଲଡପ୍ରେସର ଉପରେ ପ୍ରଭାବ

ଗୋଡ ଉପରେ ଗୋଡ ରଖି ବସିବା ଦ୍ୱାରା ରକ୍ତଚାପ ବଢିଥାଏ । ସେଥିପାଇଁ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତି ଏପରି ପୋଜିସନରେ ବସିବା ଉଚିତ୍ ନୁହେଁ । ଏହାଛଡା ଯାହାର ରକ୍ତଚାପ ସମସ୍ୟା ନଥାଏ, ସେମାନେ ମଧ୍ୟ ଏପରି ସ୍ଥିତିରେ ବସନ୍ତୁ ନାହିଁ ।

ଲୋୟର ବ୍ୟାକ୍ ଯନ୍ତ୍ରଣା

ଆପଣ ବସିବା ଉଠିବା ସମୟରେ ଅଣ୍ଟାର ତଳ ଭାଗରେ ଯନ୍ତ୍ରଣା ହେଉଛି କି ? ଯଦି ଏପରି ହେଉଥାଏ, ତେବେ ଗୋଡ ଉପରେ ଗୋଡ ପକାଇ ବସନ୍ତୁ ନାହିଁ ।

ଜଏଣ୍ଟ ପେନ୍

ଅଫିସରେ ୮ରୁ ୯ ଘଣ୍ଟା ଚେୟାରରେ ବସିବା ଦ୍ୱାରା ଗୋଡର ଗଣ୍ଠି ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଯଦି ଆପଣ ଏପରି ସମସ୍ୟାରେ ଗତି କରୁଥାନ୍ତି ଏବଂ ଯୋଗ, ବ୍ୟାୟାମ କରି ମଧ୍ୟ ଏହି ଯନ୍ତ୍ରଣା କମ୍ ହେଉନି । ତେବେ ଆପଣ ଗୋଡ ଉପରେ ଗୋଡ ପକାଇ ବସିବା ଅଭ୍ୟାସ ବନ୍ଦ କରିଦିଅନ୍ତୁ । ଏହାହିଁ ଜଏଣ୍ଟ ପେନର ପ୍ରମୁଖ କାରଣ ।

